ଧରିତ୍ରୀ
DHARITRI
December 2-8, 2018 ₹ 2/-

# ଛୁଟିଦିନ

# କିଛି ନୁହେଁ ଅସମ୍ଭବ



୩
ପ୍ରଚ୍ଛଦ ପ୍ରସଙ୍ଗ

ଏମାନଙ୍କର ଶରୀର ଦୁର୍ବଳ ହୋଇପାରେ। ହେଲେ ମନ ନୁହେଁ। ମନକୁ ଦୃଢ଼ କରିଛନ୍ତି, ଆଗେଇଛନ୍ତି। ଆଉ ଅସମ୍ଭବକୁ ସମ୍ଭବ କରିଦେଖେଇଛନ୍ତି...



୧୩
ସହରଠୁ ଦୂର



୮/୯
ସିନେମା

# କେମିତି କହିବେ 'ନା'



ବେଳେବେଳେ ଅନ୍ୟମାନଙ୍କ କଥା ରଖିବାକୁ ଯାଇ ଆମ ଇଚ୍ଛା ବିରୋଧରେ ହେଲେ ମଧ୍ୟ କାମଟି କରିବା ପାଇଁ ହଁ ଭରିଥାଉ, ଯାହାକି ପରବର୍ତ୍ତୀ ମୁହୂର୍ତ୍ତରେ ଆମ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥାଏ। ନିଜ କାମକୁ ପଛରେ ପକାଇ ଅନ୍ୟର କାମ କରିବା ମୂର୍ଖାମିର ପରିଚୟ ଦେଇଥାଏ। ତେବେ ଏଭଳି କ୍ଷେତ୍ରରେ କିଭଳି 'ନା' କହିବେ ସେ ସମ୍ପର୍କରେ...

* ଯଦି ଆପଣ କୌଣସି ବ୍ୟକ୍ତିଙ୍କୁ 'ନା' କହିବାକୁ ଚାହାନ୍ତି ତେବେ ତାଙ୍କୁ ସିଧା ସିଧା 'ନା' କୁହନ୍ତୁ । ଏଥିପାଇଁ କୌଣସି ବାହାନା ବା ମିଛ କହିବାର ଆବଶ୍ୟକତା ନାହିଁ।
* ବ୍ୟକ୍ତିଙ୍କୁ ନମ୍ର ଭାବେ 'ନା' କୁହନ୍ତୁ ଏବଂ ଏଥିପାଇଁ ଆପଣ ଦୁଃଖିତ ବୋଲି ମଧ୍ୟ କହିପାରନ୍ତି ।
* ଯଦି କର୍ମ କ୍ଷେତ୍ରରେ ଆପଣଙ୍କ ଉପରିସ୍ଥ କର୍ମଚାରୀ ଆପଣଙ୍କୁ କାର୍ଯ୍ୟ ଜନିତ ଚାପ ପ୍ରୟୋଗ କରନ୍ତି ତେବେ ତାଙ୍କୁ ମଧ୍ୟ ବିନମ୍ରତାର ସହ 'ନା' କୁହନ୍ତୁ ଏବଂ ଆପଣଙ୍କ କାର୍ଯ୍ୟ ସମ୍ପର୍କିତ ବିବରଣୀ ପ୍ରଦାନ କରନ୍ତୁ ।
* ଯଦି ଆପଣ ନିଜ କାର୍ଯ୍ୟରେ ବ୍ୟସ୍ତ ଅଛନ୍ତି ଏବଂ ଅନ୍ୟ ଜଣେ ବ୍ୟକ୍ତି ଆପଣଙ୍କୁ ତାଙ୍କ କାମ କରିବା ପାଇଁ ବାଧ୍ୟ କରନ୍ତି ତେବେ ତାଙ୍କୁ ଅପେକ୍ଷା କରିବାକୁ କୁହନ୍ତୁ ଏବଂ ନିଜ କାର୍ଯ୍ୟ ସରିବା ପରେ ତାଙ୍କ କାର୍ଯ୍ୟ କରନ୍ତୁ ।
* କୌଣସି ସେଲ୍ସମ୍ୟାନ ଆପଣଙ୍କୁ ତାଙ୍କ ଜିନିଷ କ୍ରୟ କରିବା ପାଇଁ ବାଧ୍ୟ କରନ୍ତି ତେବେ ଚାପର ବଶବର୍ତ୍ତୀ ହୋଇ ଆଦୌ ଜିନିଷ କିଣନ୍ତୁ ନାହିଁ ବରଂ ତାଙ୍କୁ ଆପଣ ଆଗ୍ରହୀ ନୁହନ୍ତି ବୋଲି ସିଧାସିଧା କୁହନ୍ତୁ ।
* ଟଙ୍କା ଉଧାର ମାଗୁଥିବା ବ୍ୟକ୍ତିଙ୍କୁ ଯଦିଆପଣ ଟଙ୍କା ଧାର ଦେବାକୁ ଚାହୁଁ ନାହାନ୍ତି ତେବେ ତାଙ୍କୁ ସଙ୍କୋଚତାର ସହ 'ନା' କୁହନ୍ତୁ। ଅଯଥା ବାହାନା ବା ମିଛ କୁହନ୍ତୁ ନାହିଁ ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଡିସେମ୍ବର ୨-୮, ୨୦୧୮

**ମେଷ** – ରବିବାର ଓ ସୋମବାର– ଦୂରଯାତ୍ରା, କାର୍ଯ୍ୟ ବ୍ୟସ୍ତତା, ମଙ୍ଗଳବାର ଓ ବୁଧବାର –ରାଜକୀୟ ସମ୍ମାନ, ଶୁକ୍ରବାର–ବନ୍ଧୁଙ୍କ ଆକ୍ଷେପୋକ୍ତି, ଧର୍ମକାର୍ଯ୍ୟ, ଶନିବାର– ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ।

**ବୃଷ** – ରବିବାର ଓ ସୋମବାର– ଶୁଭଖବର ପ୍ରାପ୍ତି, ମଙ୍ଗଳବାର ଓ ବୁଧବାର–ଅର୍ଥର ଆବଶ୍ୟକତା, ଗୁରୁବାର ଓ ଶୁକ୍ରବାର– ଯାନ୍ତ୍ରିକ ତ୍ରୁଟି, ଶନିବାର – ମଜା ମଉଜ, ରାଜନୀତିରେ ପ୍ରତିଷ୍ଠା ।

**ମିଥୁନ** – ରବିବାର ଓ ସୋମବାର – କାର୍ଯ୍ୟସିଦ୍ଧି, ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ । ମଙ୍ଗଳବାର ଓ ବୁଧବାର–ଅର୍ଥ ଲାଭ ଶୁକ୍ରବାର– ବିଶୃଙ୍ଖଳା, ଶନିବାର– ଧର୍ମାନୁଷ୍ଠାନ , ନେତୃତ୍ୱ ନେବେ ।

**କର୍କଟ** – ରବିବାର ଓ ସୋମବାର– ଉଚ୍ଚ ସମ୍ମାନ, ମଙ୍ଗଳବାର ଓ ବୁଧବାର– ବିବାଦୀୟ ସ୍ଥିତି, ଗୁରୁବାର ଓ ଶୁକ୍ରବାର– ଶୁଭ ଖବର, ବ୍ୟବସାୟିକ ଉନ୍ନତି, ଶନିବାର– ପ୍ରତିଯୋଗିତାରେ ସଫଳତା ।

**ସିଂହ** – ରବିବାର ଓ ସୋମବାର– ବନ୍ଧୁମିଳନ, ମଙ୍ଗଳବାର ଓ ବୁଧବାର– ଦୂରଯାତ୍ରା, ଗୁରୁବାର ଓ ଶୁକ୍ରବାର– ଧର୍ମକାର୍ଯ୍ୟ ପ୍ରତି ରୁଚି, ଶନିବାର– ପାରିବାରିକ ମତାନ୍ତର, କର୍ମହାନି।

**କନ୍ୟା** – ରବିବାର, ସୋମବାର– ଉତ୍ସାହିତ ହେବେ, ସହାୟତା ପାଇବେ, ମଙ୍ଗଳବାର ଓ ବୁଧବାର– ଦୁଃସାଧ କାର୍ଯ୍ୟ ସାଧନ, ଗୁରୁବାର ଓ ଶୁକ୍ରବାର– ଦ୍ରବ୍ୟ ନଷ୍ଟ, ଶନିବାର–ନୂତନ ମୈତ୍ରୀ ।

**ତୁଳା** – ରବିବାର ଓ ସୋମବାର– ଧର୍ମକାର୍ଯ୍ୟ, ଅର୍ଥ ସଙ୍କଟ, ମଙ୍ଗଳବାର ଓ ବୁଧବାର– ଶୁଭଫଳ , ବାଣିଜ୍ୟରେ ଉନ୍ନତି ଶିକ୍ଷାରେ ଉନ୍ନତି। ଗୁରୁବାର ଓ ଶୁକ୍ରବାର– ଆକସ୍ମିକ କଳହ, ଶନିବାର– ବନ୍ଧୁମିଳନ ।

**ବିଛା** – ରବିବାର ଓ ସୋମବାର– ଶାରୀରିକ ଅସୁସ୍ଥି, ପରିବାରରେ ଝଡ଼,ମଙ୍ଗଳବାର ଓ ବୁଧବାର– ମିତ୍ରଲାଭ, ଆର୍ଥିକ ଉନ୍ନତି। ଗୁରୁବାର ଓ ଶୁକ୍ରବାର– ବନ୍ଧୁମିଳନ। ଶନିବାର– ପଦମର୍ଯ୍ୟାଦା ବୃଦ୍ଧି, ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତି ।

**ଧନୁ** – ରବିବାର ଓ ସୋମବାର– କାର୍ଯ୍ୟରେ ସଫଳତା । ମଙ୍ଗଳବାର ଓ ବୁଧବାର– ଯାନବାହନ ଲାଭ, ଲୋକପ୍ରିୟତା ବୃଦ୍ଧି। ଗୁରୁବାର ଓ ଶୁକ୍ରବାର–ଖୁସିର ଆସର, ନିର୍ମାଣ କାର୍ଯ୍ୟରେ ଅଗ୍ରଗତି, ସମ୍ପର୍କ ବ୍ୟାହତ ହେବ।

**ମକର** – ରବିବାର ଓ ସୋମବାର– ସ୍ୱାସ୍ଥ୍ୟୋନ୍ନତି, ମଙ୍ଗଳବାର ଓ ବୁଧବାର– ସାମ୍ବାଦିକତାରୁ ଗୌରବ, ସାଧାରଣ କଥାରୁ ଦ୍ୱନ୍ଦ୍ୱ,ଗୁରୁବାର ଓ ଶୁକ୍ରବାର– ନୂତନ ଯୋଜନା, ଆଭୂଷଣ ପ୍ରାପ୍ତି, ଶନିବାର– ସହକର୍ମୀଙ୍କ ସାହାଯ୍ୟ ।

**କୁମ୍ଭ** – ରବିବାର ଓ ସୋମବାର– ମାନସିକ ସୁସ୍ଥତା, ତୀର୍ଥାଟନ, ଅର୍ଥ ଓ ସମ୍ମାନ। ମଙ୍ଗଳବାର ଓ ବୁଧବାର– କାର୍ଯ୍ୟହାନି, ଆନୁଷ୍ଠାନିକ କାମ। ଗୁରୁବାର ଓ ଶୁକ୍ରବାର– ମନୋବଳ ବୃଦ୍ଧି, କୃତି ଓ କୃତିତ୍ୱ। ଶନିବାର– ଯାତ୍ରାରେ ଲକ୍ଷ୍ୟ ପୂରଣ ।

**ମୀନ** – ରବିବାର ଓ ସୋମବାର– ଆଳସ୍ୟ ଓ ଅଜୀର୍ଣ୍ଣ ପୀଡ଼ା, ଅତୀତ ଅନୁଚିନ୍ତା। ମଙ୍ଗଳବାର ଓ ବୁଧବାର– ମାମଲାର ଫଇସଲା, ଗୁରୁବାର ଓ ଶୁକ୍ରବାର– ଆତ୍ମୀୟଙ୍କ ସମାଦର। ଶନିବାର–ନୂତନ କର୍ମାରମ୍ଭ ।

# ସ୍ଲିପ୍ ରେଡିଓ

ମନୋରଞ୍ଜନର ଏକ ସୁନ୍ଦର ମାଧ୍ୟମ ରେଡିଓ। କାରରେ ଡ୍ରାଇଭ୍ କଲାବେଳେ ହେଉ ବା ଘରେ କୌଣସି କାର୍ଯ୍ୟ କଲାବେଳେ ଏହାକୁ ଚାଲୁ ରଖି ଆପଣ ଯେକୌଣସି କାର୍ଯ୍ୟ କରିପାରିବେ। ତେବେ ପ୍ରତ୍ୟେକ ରେଡିଓ ବା ଏଫ୍ଏମ୍ ଷ୍ଟେଶନ୍‌ର ମୁଖ୍ୟ ଉଦ୍ଦେଶ୍ୟ ଥାଏ ତା'ର ଶ୍ରୋତାମାନଙ୍କୁ ମନୋରଞ୍ଜନ ଯୋଗାଇବା। ତେବେ ନ୍ୟୁଜିଲାଣ୍ଡର ନର୍ଥ ଆଇଲ୍ୟାଣ୍ଡରେ ରହିଛି ଏଭଳି ଏକ ରେଡିଓ ଷ୍ଟେଶନ, ଯାହାର ଲକ୍ଷ୍ୟ ହେଉଛି ଲୋକଙ୍କୁ ଆରାମର ନିଦ ପ୍ରଦାନ କରିବା । ଜନ୍ ୱାଟସନ୍‌ଙ୍କ ଦ୍ୱାରା ସ୍ଥାପନ କରାଯାଇଥିବା ଏହି ରେଡିଓ ଷ୍ଟେଶନ୍‌ର ନାଁ ହେଉଛି 'ସ୍ଲିପ୍ ରେଡିଓ'। ଏହା ହେଉଛି ଏକ ଡିଜିଟାଲ ରେଡିଓ ସର୍ଭିସ୍, ଯାହା କେବଳ ଇଣ୍ଟରନେଟ୍‌ରେ ହିଁ ଉପଲବ୍ଧ। ଏହି ରେଡିଓ ସେବା କେବଳ ଧୀର ସୁମଧୁର ସଙ୍ଗୀତ ହିଁ ପରିବେଷଣ କରିଥାଏ ଯାହା ଶ୍ରୋତାଙ୍କ ଅବସାଦ ଦୂର କରିବା ସହ ସୁଖ ନିଦ୍ରା ପ୍ରଦାନ କରିଥାଏ। ଏହି ରେଡିଓ ଷ୍ଟେଶନର ମୋବାଇଲ ଆପ୍ ମଧ୍ୟ ରହିଛି, ଯେଉଁଥିରେ ସ୍ଲିପ୍ ଟାଇମର୍ ଏବଂ ଆଲାରାମ୍ ସୁବିଧା ରହିଛି। ମୁଖ୍ୟତଃ ଆମେରିକା, କାନାଡା ଏବଂ ନ୍ୟୁଜିଲାଣ୍ଡରେ ଏହି ରେଡିଓ ଷ୍ଟେଶନ୍‌ର ଶ୍ରୋତାଙ୍କ ସଂଖ୍ୟା ଅଧିକ । ତେବେ ଏହି ଷ୍ଟେଶନରୁ ସଙ୍ଗୀତ ଶୁଣୁଥିବା ବ୍ୟକ୍ତିଙ୍କ ମଧ୍ୟରୁ ପ୍ରାୟ ୭୦ ପ୍ରତିଶତ ବ୍ୟକ୍ତି ରେଡିଓ ଶୁଣି ଶୁଣି ଶୋଇଯାନ୍ତି ବୋଲି ୱାଟସନ ମତ ଦିଅନ୍ତି।



# ପାଠକୀୟ

ବିଭିନ୍ନ ମନ୍ଦିରରେ ପ୍ରସାଦ ପାଇଁ ବ୍ୟବହାର କରାଯାଏ ମାଟିକୁଡୁଆ। ଯାହାକୁ ପବିତ୍ର ପାତ୍ର ବୋଲି କୁହାଯାଉଥିବାବେଳେ ଏଥିରେ ଖାଦ୍ୟ ରନ୍ଧା ହେଲେ ସ୍ୱାଦିଷ୍ଟ ହେବା ସହ ସ୍ୱାସ୍ଥ୍ୟୋପଯୋଗୀ ମଧ ହୋଇଥାଏ। ତେଣୁ 'ମାଟି କୁଡୁଆ'କୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ଏଥରର ଛୁଟିଦିନର ପ୍ରଚ୍ଛଦ ପ୍ରସଙ୍ଗଟି ଏକ ସୁନ୍ଦର ଆଲେଖ୍ୟ ଥିଲା। 'ଫାଷ୍ଟ ଇମ୍ପ୍ରେସନ' ଏବଂ 'ଅସୁନ୍ଦର ଚିତ୍ରର ସଂଗ୍ରହାଳୟ' ଆଦି ପାଠ ଦୁଇଟିରୁ ଅନେକ ନୂଆ କଥା ଶିଖିବାକୁ ମିଳିଲା।

***–ରାକେଶ ସାହୁ, ମାଷ୍ଟର କ୍ୟାଣ୍ଟିନ୍ ଛକ, ଭୁବନେଶ୍ୱର***

ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ମାଟି କୁଡୁଆ' ପାଠଟିରୁ ଏହା କେମିତି ତିଆରି ହୁଏ, କେଉଁଠି ତିଆରି ହୁଏ, ଏହାର ଭିନ୍ନ ଭିନ୍ନ କ'ଣ ସବୁ ନାଁ ରହିଛି ତଥା ଶ୍ରୀମନ୍ଦିରରେ ଏହା କିପରି ବ୍ୟବହାର କରାଯାଇଥାଏ ଇତ୍ୟାଦି ବିଷୟରେ ଅନେକ ନୂଆ ନୂଆ କଥା ଜାଣିବାକୁ ମିଳିଥିଲା। ସେହିପରି ସୃଜନ ପୃଷ୍ଠାରୁ 'ଧର୍ମଘଟ' ନାମକ ଗପଟି ପଢିଲି, ଏହା ମୋର ମନକୁ ବେଶ୍ ଛୁଇଁଥିଲା।

***–ଅନ୍ତର୍ଯ୍ୟାମୀ ମିଶ୍ର, ବଳଗଣ୍ଡି, ପୁରୀ***

ପ୍ରଥମ ରୋଜଗାର ସ୍ତମ୍ଭରୁ ଅବସରପ୍ରାପ୍ତ କୃଷି ଉପନିର୍ଦ୍ଦେଶକ ଡ. ବିଜୟାନନ୍ଦ ମହାନ୍ତିଙ୍କ ରୋଜଗାର ସମ୍ପର୍କିତ ଲେଖାଟି ପଢିଲି, ଏହା ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା। ଏଥର ସାଥୀର ହେଡିଂ 'ଉଜାଗର ହୋଇ ରହିଛି ଚାହିଁ, ଅବୁଝା ପ୍ରେମିକାକୁ ଉତ୍ତର ନାହିଁ'ଟି ଖୁବ୍ ମନଲାଖି ହୋଇଥିଲା। ସେହିପରି ସହର ପୃଷ୍ଠାରୁ 'କାଡାଲୁଣ୍ଡି ପକ୍ଷୀ ଅଭୟାରଣ୍ୟ' ପାଠଟିରୁ ନୂଆ ନୂଆ କଥା ଜାଣି ଖୁସି ଲାଗିଲା।

***–ଗଦାଧର ପୃଷ୍ଟି, ରାଉରକେଲା***

ସିନେମା ପୃଷ୍ଠାରେ ସ୍ଥାନିତ 'କାଜଲଙ୍କ ମୌନ ଅବତାର', 'ବନ୍ଦ ଘରେ ଆଲିୟା', 'ଶ୍ରଦ୍ଧାଙ୍କ ଦୁଃଖ' ଏବଂ 'ଦୋଛକିରେ ଦିଶା' ଇତ୍ୟାଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ଖୁବ୍ ଉଚ୍ଚକୋଟୀର ଥିଲା। ପ୍ରଥମ ବିଶ୍ୱଯୁଦ୍ଧ ସହ ସମ୍ପର୍କ ଥିବା କିଛି ରୋଚକ କଥାକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା 'ପ୍ରଥମ ବିଶ୍ୱଯୁଦ୍ଧ : ଦି ଗ୍ରେଟ୍ ୱାର' ପାଠଟି ବେଶ୍ ଶିକ୍ଷଣୀୟ ହୋଇପାରିଥିଲା।

***–ରାକେଶ ରାଉତ, ଭବାନୀପାଟଣା***

ଏଥରର ମଡେଲ୍ ମିରର୍ 'ଶ୍ରେଷ୍ଠା' ବେଶ୍ ସୁନ୍ଦରୀ ଲାଗୁଥିଲେ। ହାଃ ହାଃ ବି ଖୁବ୍ ମଜାଦାର ହୋଇପାରୁଥିଲା। 'ଗୁଗୁଲ୍ ଚାକିରି ଛାଡ଼ି ବିକିଲେ ସିଙ୍ଗଡ଼ା', 'ହ୍ୱାଇଟ୍ ଟେମ୍ପଲ୍' ତଥା 'ଭିନ୍ନ ଏଇ ରେକର୍ଡ' ଆଦି ପାଠଗୁଡ଼ିକ ଯେତିକି ଆଶ୍ଚର୍ଯ୍ୟକର ଥିଲା ସେତିକି ମଜାଦାର୍ ବି ଥିଲା। ଯାତ୍ରା ପୃଷ୍ଠାଟି ମଧ ବେଶ୍ ଆକର୍ଷଣୀୟ ହୋଇପାରୁଛି।

***–ମନୋଜ ସିହ୍ନା, ତାଳଚେର***

## ବିଶେଷ ଚିଠି



ଧରିତ୍ରୀ ଛୁଟିଦିନ ସବୁରି ପ୍ରିୟ
ମନଲୋଭା ଖବରରେ ଏହା ଭରପୂର
ସୁନ୍ଦର, ଆକର୍ଷଣୀୟ ପ୍ରଚ୍ଛଦପଟ ସହ
ସାଥୀ, ସୃଜନ, ବ୍ୟାକ୍‌ପେଜ୍ ଖବର
ପ୍ରତିଟି ପୃଷ୍ଠା ଲାଗେ ଜ୍ଞାନ ବିଜ୍ଞାନର ଗନ୍ତାଘର।

**–ବିନୋଦ ବିହାରୀ ବେହେରା, ନୂଆସାହି, ନୂଆବଜାର, କଟକ**

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ–ମେଲ୍ ଠିକଣା: chhutidinadharitri@gmail.com

# କିଛି ନୁହେଁ ଅସମ୍ଭବ



ବିରଜା ରାଉତରାୟ

**ଏମାନଙ୍କର ଶରୀର ଦୁର୍ବଳ ହୋଇପାରେ। ହେଲେ ମନ ନୁହେଁ। କାହାରି ଦୟାର ପାତ୍ର ହେବାକୁ ଚାହିଁ ନାହାନ୍ତି। ମନକୁ ଦୃଢ କରିଛନ୍ତି, ଆଗେଇଛନ୍ତି। ଶରୀରର ଦୁର୍ବଳତାକୁ ସଫଳତା ପଥେ ଆସିବାକୁ ଦେଇ ନାହାନ୍ତି। ଆଉ ଅସମ୍ଭବକୁ ସମ୍ଭବ କରିଦେଖେଇଛନ୍ତି। ଯଦ୍ବାରା ସମାଜର ଅନ୍ୟମାନଙ୍କ ପାଇଁ ବି ସେମାନେ ଆଦର୍ଶ ପାଲଟିଛନ୍ତି...**



ଉର୍ବଶୀ ଦାସ

**ରୋକିପାରିଲାନି ସେଦିନର ଦୁର୍ଘଟଣା:** କେନ୍ଦ୍ରାପଡା ଜିଲା ମାଧପୁରର ବିରଜା ପ୍ରସାଦ ରାଉତରାୟ। କିଏ ତାଙ୍କୁ ଜଣେ ଉଚ୍ଚକୋଟୀର ଲେଖକଭାବେ ଚିହ୍ନନ୍ତି ତ କିଏ ଜଣେ ପ୍ରଶାସନିକ ଅଧିକାରୀଭାବେ। କାରଣ ବର୍ତ୍ତମାନ ସେ କେନ୍ଦ୍ରାପଡ଼ାର ଡେପୁଟି କଲେକ୍ଟରଭାବେ କାର୍ଯ୍ୟରତ। ତା'ସହ ନିଜକୁ ଜଣେ ବିଶିଷ୍ଟ ଲେଖକଭାବେ ବି ପ୍ରମାଣିତ କରିସାରିଛନ୍ତି। ଏଯାବତ ୫ରୁ ଊର୍ଦ୍ଧ୍ୱ କ୍ଷୁଦ୍ରଗଳ୍ପ ପୁସ୍ତକ, ଚାରୋଟି କବିତା ସଂକଳନ, ଗୋଟିଏ ପ୍ରବନ୍ଧ ପୁସ୍ତକ ପ୍ରକାଶ ପାଇସାରିଛି। ତାଙ୍କର କିଛି କବିତା ତ ବଙ୍ଗଳା ଭାଷାରେ ଅନୁବାଦିତ ହୋଇଛି। ଏହାଛଡ଼ା ସେ ୧୫ରୁ ଊର୍ଦ୍ଧ୍ୱ ବିଭିନ୍ନ ଭାଷା ଓ ସ୍ୱାଦର ପତ୍ରିକାକୁ ସମ୍ପାଦନା ବି କରିଛନ୍ତି। ସେ ରାଜ୍ୟ ସ୍ତରୀୟ କେନ୍ଦ୍ରାପଡା ପୁସ୍ତକ ମେଳାର ଆୟୋଜନ ବି କରନ୍ତି। କଲେଜ ସମୟରୁ ଆରମ୍ଭ ହୋଇଥିଲା ତାଙ୍କ ଲେଖାଲେଖିର ଯାତ୍ରା। ପ୍ରଶାସନିକ ଅଧିକାରୀ ହେବା ପରେ ବି ତାଙ୍କ ଲେଖନୀ ବନ୍ଦ ହୋଇ ନ ଥିଲା। ପରେ ସଂସାର ବି କଲେ। ସବୁରେ ସନ୍ତୁଳନ ରକ୍ଷା କରି ସେ ଆଗେଇ ଚାଲିଥାଆନ୍ତି। ହେଲେ ତାଙ୍କ ଜୀବନରେ ହଠାତ୍ ଘୋଟି ଆସିଥିଲା ଏକ ଅଦିନିଆ ଝଡ଼। ବିବାହର ମାତ୍ର ୬ମାସ ପରେ ୨୦୦୬ ଜାନୁୟାରୀ ୭ ତାରିଖରେ ସେ ଏକ ବଡ଼ ଦୁର୍ଘଟଣାର ସମ୍ମୁଖୀନ ହେଲେ। ଆଉ ବେକଠାରୁ ତଳ ପର୍ଯ୍ୟନ୍ତ ପକ୍ଷାଘାତ ହୋଇଗଲା। ବିରଜା ପ୍ରସାଦ କହନ୍ତି, 'ବିଛଣାଗ୍ରସ୍ତ ହୋଇ ଘରର ଚାରିକାନ୍ଥ ଭିତରେ ଆବଦ୍ଧ ଜୀବନ ମତେ ଭିତରୁ କାମୁଡି ଗୋଡାଉଥିଲା। ଦିନକୁ ଦିନ ଭାଙ୍ଗିପଡୁଥିଲି। ହେଲେ ଏଇ ସମୟରେ ମୋ ସ୍ତ୍ରୀ ଓ ବଡ଼ ଭାଇ ମୋର ମେରୁଦଣ୍ଡ ସାଜିଲେ। ଚିକିତ୍ସିତ କରାଇବା ସହ ମନୋବଳ ଦୃଢ କରିବାକୁ ଅନେକ କିଛି କରିଥିଲେ। ପ୍ରତିକ୍ଷଣ ଜିଇଁବାର ଇଚ୍ଛା ହରାଇ ବସୁଥିବା ସମୟରେ ସେମାନେ ମତେ ଜିଇଁବାର ରାହା ଦେଖାଇଲେ। ଏହାଛଡା ଲେଖାଲେଖି ମାଧ୍ୟମରେ ବି ମାନସିକ ଶାନ୍ତିର ସନ୍ଧାନ କଲି। ମୋ ମନର ଭାବକୁ ସ୍ତ୍ରୀଙ୍କୁ ପ୍ରକାଶ କଲି। ଆଉ ତାକୁ ସେ କାଗଜ ଉପରେ ଉତାରି ଚାଲିଲେ। ଏମିତିରେ ଅନେକ କିଛି ଲେଖା ହେଇଛି। ଏହାସହିତ ପିଏଚ୍.ଡି ବି ଏହି ସମୟରେ ସାରିଲି। ଏଥିରେ ସବୁଠୁ ବେଶି ସାହାଯ୍ୟ ମୋ ସ୍ତ୍ରୀ ହିଁ କରିଥିଲେ। ଚିକିତ୍ସା ସହ ଲେଖାଲେଖି ଓ ପିଏଚ୍.ଡି ଚାଲିଥାଏ। ଶେଷରେ ଦୀର୍ଘ ସାଢେ ଚାରି ବର୍ଷ ପରେ ଏକ ଦୃଢମନୋବଳ ନେଇ ପୁଣି ଫେରିଲି କର୍ମ କ୍ଷେତ୍ରକୁ। ହ୍ୱିଲ ଚେୟାରରେ ଥାଇ ବି ଆଗେଇ ଚାଲିଲି।



ତା'ସହ ଲେଖାଲେଖି ମଧ୍ୟ ଜାରି ରହିଲା। ମୋ ସହିତ ଘଟିଥିବା ଦୁର୍ଘଟଣା ମତେ ଭିନ୍ନକ୍ଷମଙ୍କ ପାଇଁ କିଛି କରିବାକୁ ବାରବାର ପ୍ରବର୍ତ୍ତାଉଥିଲା। ତେଣୁ 'ପୁନର୍ବାସ' ନାମକ ଏକ ସଂସ୍ଥା ସହ ଜଡ଼ିତହେଲି, ଯେଉଁଠି ମୁଁ ଉପଦେଷ୍ଟା ଅଛି। ଏହି ସଂସ୍ଥା କେନ୍ଦ୍ରାପଡ଼ା ଜିଲାର ଭିନ୍ନକ୍ଷମଙ୍କ ଥଇଥାନ ପାଇଁ କାର୍ଯ୍ୟ କରେ। ଏହି ସଂସ୍ଥା ଭିନ୍ନକ୍ଷମଙ୍କୁ ମାଗଣା ଫିଜିଓଥେରାପୀ ଓ ଅନ୍ୟ ସ୍ୱାସ୍ଥ୍ୟସେବା ପ୍ରଦାନ କରିଥାଏ। ତା'ସହ କୃତ୍ରିମ ଅଙ୍ଗ ଓ ଆବଶ୍ୟକୀୟ ଜିନିଷ ପ୍ରଦାନ କରିଥାଏ।' ବିରଜା ରାଉତରାୟ ପ୍ରଶାସନିକ ଅଧିକାରୀଭାବେ ସୂଚାରୁରୂପେ କାର୍ଯ୍ୟ ସମ୍ପାଦନ କରିବା ସହ ପାଠକଙ୍କୁ ଦେଇଛନ୍ତି ଅନେକ ବୋଧଗମ୍ୟ ରଚନା। ତାସହ ଭିନ୍ନକ୍ଷମଙ୍କ ପାଇଁ ତାଙ୍କ ଅବଦାନ ବି ଅତୁଳନୀୟ। ସେଇଥିପାଇଁ ତ ସାହିତ୍ୟ ନିମନ୍ତେ ତାଙ୍କୁ ରାଜ୍ୟସ୍ତରୀୟ 'କଥା ନବ ପ୍ରତିଭା' ସମ୍ମାନ, ସମ୍ମାନଜନକ 'ରବି ପଟ୍ଟନାୟକ ସ୍ମୃତି ଗଳ୍ପ' ସମ୍ମାନ–୨୦୦୩, 'ଉତ୍କଳ ସମାଜ ଯୁବ ସାରସ୍ୱତ' ସମ୍ମାନ–୨୦୧୮ ଆଦିରେ ସମ୍ମାନିତ କରାଯାଇଛି। ଆଉ ଭିନ୍ନକ୍ଷମଙ୍କ ପାଇଁ ଥିବା ଅବଦାନ ଲାଗି ୨୦୧୨ରେ ଅଞ୍ଜଳି ଆୱାର୍ଡ ଫର୍ ବ୍ରେଭେରୀ ସମ୍ମାନ ମିଳିଛି।

**ଗୋଡ଼ ପାଲଟିଛି ହାତ:** ଆଠଦିନର ଗର୍ଭ ଯନ୍ତ୍ରଣା ପରେ ଜନ୍ମ ନେଇଥିଲେ ଉର୍ବଶୀ ଦାସ। ହେଲେ ହାତଗୋଡ଼ ନ ହଲିବାରୁ ସମସ୍ତେ ଭାବିନେଇଥିଲେ ସେ ମରିଯାଇଛନ୍ତି। ହେଲେ ମା'ଙ୍କର ଦୃଢ଼ବିଶ୍ୱାସ ଥିଲା ଝିଅ ବଞ୍ଚିଛି। ଆଉ ହଲାହଲି କରିବା ସହ କାନରେ ଫୁଙ୍କିଲେ ବଞ୍ଚିବ। ସେମିତି ଅନେକ ସମୟ କରିବା ପରେ ସେ ଆଖି ଖୋଲିଥିଲେ ଓ ହଲିଥିଲେ। ହେଲେ ଅନେକ ଦିନ ପର୍ଯ୍ୟନ୍ତ ହାତ ହଲି ନ ଥିଲା। ତେଣୁ ଡାକ୍ତରଙ୍କୁ ଦେଖେଇଲେ। ଚିକିତ୍ସା ଚାଲିଲା। ଆଉ ତାଙ୍କୁ ୫ ବର୍ଷ ଡାକ୍ତରଖାନାରେ ରହିବାକୁ ପଡ଼ିଲା। ତଥାପି କିଛି ଫଳ ମିଳିଲା ନାହିଁ। ଶେଷରେ କରେଣ୍ଟ ବି ଦିଆଗଲା। ତାହା ବି ଫେଲ୍ ମାରିଲା। ଶେଷରେ ଭାଗ୍ୟକୁ ଆଦରି ପରିବାର ଲୋକେ ତାଙ୍କୁ ଘରକୁ ନେଇ ଆସିଲେ। ହାତ ଦୁଇଟି ସବୁଦିନ ପାଇଁ ଅଚଳ ହୋଇଗଲା। ତେବେ କେନ୍ଦ୍ରାପଡ଼ା, କଳଶପୁର ଗାଁର ଉର୍ବଶୀ ଥିଲେ ବେଶ୍ ଦୃଢ଼ମନା। ସମସ୍ତଙ୍କୁ ଦେଖି ଦେଖି ନିଜେ ନିଜେ ନିଜର ସବୁ କାମ ଗୋଡ଼ରେ କରିବା ଶିଖିଗଲେ। ଉର୍ବଶୀ କହନ୍ତି, ''୪ ଭଉଣୀ ଓ ଗୋଟିଏ ଭାଇ ମଧ୍ୟରେ ମୁଁ ହେଉଛି ତୃତୀୟ ସନ୍ତାନ। ଭାଇ ଭଉଣୀମାନେ ଯେବେ ସ୍କୁଲ ଯାଉଥିଲେ ଓ ଘର ଅଗଣାରେ ବସି ପଢୁଥିଲେ ମୋ ମନ ଉତ୍ସୁକତାରେ ଭରିଯାଉଥିଲା। ସେମାନଙ୍କୁ ପଚାରୁଥିଲି ତମେ କ'ଣ କରୁଛ ଓ ସବୁଦିନ କୁଆଡ଼େ ଯାଉଛ? ସେମାନଙ୍କ ଉତ୍ତର ଶୁଣି ମୁଁ ବି ପଢ଼ିବାକୁ ଚାହିଁଲି। ହେଲେ ହାତ ଅକ୍ଷମ ଥିବାରୁ ଘରେ ରାଜି ହେଲେନି ପଢାଇବାକୁ। ଦିନକୁ ଦିନ ମୋର ପଢ଼ିବାର ଆଗ୍ରହ ବଢୁଥିଲା। ମତେ ଦିନରାତି ଜଗି ରହୁଥିବା ଜେଜେଙ୍କୁ ଲୁଚି ଲୁଚି ଅନେକ ସମୟରେ ସ୍କୁଲ ଚାଲିଯାଉଥିଲି। ଆଉ ଘଣ୍ଟା ଘଣ୍ଟା ବାହାରେ ଠିଆହୋଇ ଦେଖୁଥିଲି। କେତେଜଣ ଶିକ୍ଷକ ମୋ ହାତ କାମ କରୁନି କେମିତି ପଢିବୁ କହି ଘରକୁ ପଠେଇ ଦେଉଥିଲେ। ହେଲେ ଶେଷରେ ସେ ସ୍କୁଲର ପ୍ରଧାନ ଶିକ୍ଷକ ମୋର ପ୍ରବଳ ଆଗ୍ରହ ଦେଖି ପଢାଇବାକୁ ରାଜି ହେଲେ। ହେଲେ ସ୍କୁଲ ଯିବା ରାସ୍ତା କାଦୁଅ ଭରା ହୋଇଥିବାରୁ ପଡିଯିବା ଭୟରେ ଘରେ ମନା କଲେ। ହେଲେ ସାର୍ ଦାୟିତ୍ୱ ନେଲେ ନେବା ଆଣିବାର। ଆଉ ପଢ଼ା ଆରମ୍ଭ ହେଲା କଳଶପୁର ନିମ୍ନ ପ୍ରାଥମିକ ବିଦ୍ୟାଳୟରେ। ଆଉ ତୃତୀୟ ଶ୍ରେଣୀରେ ମୁଁ ବୃତ୍ତି ପାଇଲି। ପରେ ସେହି ସାର୍ ମତେ ସାହାଯ୍ୟ କଲେ ଅନ୍ୟ ସ୍କୁଲରେ ପଢିବା ପାଇଁ। ପଢା ଜାରି ରହିଲା। ୫ମ ଓ ୭ମ ଶ୍ରେଣୀରେ ବି ବୃତ୍ତି ପାଇଲି। ସେହି ସମୟରେ ବାପା ଯେଉଁ କମ୍ପାନୀରେ କାମ କରୁଥିଲେ ତାହା ବନ୍ଦ ହୋଇଗଲା। ଆର୍ଥିକ ସ୍ଥିତି ଖରାପ ହେବାରୁ ମୁଁ ବାପାଙ୍କୁ କହିଲି– ''ମୋ ପାଇଁ ଚିନ୍ତା କରନି। ମୁଁ ଟ୍ୟୁଶନ କରି ପଢିବି। ଆଉ ଟ୍ୟୁଶନ କରିବା ଆରମ୍ଭ କଲି। ତା'ସହ ପଢା ଜାରି ରହିଲା। ଦଶମ ସରିଲା। ଯୁକ୍ତ ଦୁଇ ଓ ଯୁକ୍ତ ତିନି ବି ଟ୍ୟୁଶନ କରି ପଢିଲି। ଏହାପରେ ଗୋଡ଼ରେ ଟାଇପ୍ କରିବା ଶିଖିଲି। ସେ ଗୀତ ବି ଶିଖିଛି। ଏମିତିକି ଗୋଡ଼ରେ ହାରମୋନିୟମ ବଜାଇ ଗୀତ ଗାଇପାରେ। କେବଳ ସେତିକି ନୁହେଁ, ଗୋଡ଼ରେ ମୁଁ ନିଜର ସମସ୍ତ କାମ କରିବା ସହ ରୋଷେଇ,ଘର ଝାଡୁ,ସଫାସଫି, ସିଲେଇ ବି କରିପାରେ। ମା'ବାପାଙ୍କ ଦେହ ଖରାପ ହେଲେ ବି ସେମାନଙ୍କର ସେବା ଯତ୍ନ କରେ। ଏହାଛଡ଼ା ମୋର ସମାଜସେବା କରିବାରେ ଆଗ୍ରହ ରହିଛି। ଭିନ୍ନକ୍ଷମ ପିଲାମାନେ କିଭଳି ଭତ୍ତା, ରାଶନ ଓ ଭିନ୍ନକ୍ଷମ ସାର୍ଟିଫିକେଟ ପାଇବେ ବୁଝିଥାଏ। ଗାଁର ସ୍ୱୟଂ ସହାୟିକା ଗୋଷ୍ଠୀରେ ମିଟିଂ କରି ଗାଁ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଅନେକ ରାସ୍ତା ବତାଏ। ସେମାନଙ୍କ ପାଇଁ ବ୍ୟାଙ୍କ ଲୋନ୍ କରାଇଦିଏ। ଏହାବାଦ ମୁଁ ଅଙ୍ଗନୱାଡିରେ ଶିକ୍ଷୟିତ୍ରୀ ବି ଅଛି।'' ଭିନ୍ନକ୍ଷମ ହୋଇ ନିଜେ ସ୍ୱାବଲମ୍ବୀ ହେବାସହ ଅନ୍ୟକୁ ବି ସ୍ୱାବଲମ୍ବୀ କରାଇଥିବାରୁ ସେ ଅନେକ ସମ୍ମାନ ଓ ପୁରସ୍କାର ବି ପାଇଛନ୍ତି।

୧୯୯୬ ଉତ୍କଳ ଦିବସରେ ରାଜ୍ୟସ୍ତରୀୟ ରେଡ୍‌କ୍ରସ୍ ଦିବସ ପାଳନ ଅବସରରେ ତତ୍କାଳୀନ ରାଜ୍ୟପାଳ ରାମାନୁଜନଙ୍କ ଦ୍ୱାରା ସେ ସମ୍ମାନିତ ହୋଇଥିଲେ। ୨୦୧୧ରେ କେନ୍ଦ୍ରାପଡ଼ା ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ଉନ୍ନୟନ ଦ୍ୱାରା ସ୍ୱାସ୍ଥ୍ୟ ପରିମଳ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିଲା ସ୍ତରୀୟ ଗାଁ କଲ୍ୟାଣ ସମିତି ତରଫରୁ ସମ୍ମାନିତ ହୋଇଛନ୍ତି। ୨୦୧୫ ଅନ୍ତର୍ଜାତୀୟ ମହିଳା ଦିବସରେ ସେ ତିନିଟି ସମ୍ମାନରେ ସମ୍ମାନିତ ହୋଇଥିଲେ। ସେଥିମଧ୍ୟରୁ ଗୋଟିଏ ଦିଲ୍ଲୀର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ମାନିତ କରିଥିଲା। ଆଉ ଅନ୍ୟଟିରେ ସେ ଓଡ଼ିଶା ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଓଡ଼ିଶା ମହିଳା ସମବାୟ ନିଗମ ତରଫରୁ ରାଜ୍ୟ ସମ୍ମାନ ପାଇଥିଲେ। ଚଳିତ ବର୍ଷ ପୋଲିସ କମିଶନର ସତ୍ୟଜିତ ମହାନ୍ତି ତାଙ୍କ ପ୍ରତିଭା ଦେଖି ତାଙ୍କୁ 'ଇଣ୍ଡିଆନ କମ୍ୟୁନିଟି ପୋଲିସ' ତଥା 'ଆଜାଦି ଠେଙ୍ଗା ବାହିନୀ'ର 'କେନ୍ଦ୍ରାପଡ଼ା ଜିଲା କମାଣ୍ଡ'ର ଭାବରେ ସମ୍ମାନିତ କରିଛନ୍ତି।



ମଣ୍ଟୁ ଦାସ

**ଅନନ୍ୟ ପ୍ରତିଭା ଗଣନାଥ:** କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ କେରୀ ଗ୍ରାମରେ ଗଣନାଥ ମହାନ୍ତଙ୍କ ଘର। ଶିକ୍ଷକତା ତାଙ୍କର ପେସା। କିନ୍ତୁ ଗୀତ ଲେଖିବା, ବିଭିନ୍ନ ଭଜନ ଓ ଆଧୁନିକ ଆଲବମ ପ୍ରସ୍ତୁତ କରିବା ସହ ଅଭିନୟ କରିବା ଓ ଗୀତ ଗାଇବା ହେଉଛି ତାଙ୍କର ନିଶା। ତେବେ ବହୁ ପ୍ରତିଭାର ଅଧିକାରୀ ଗଣନାଥ ହେଉଛନ୍ତି ଜଣେ ଭିନ୍ନକ୍ଷମ। ହେଲେ ସେ କେବେ ବି ନିଜକୁ ଦୁର୍ବଳ ଭାବିନାହାନ୍ତି କି ନିଜର ଭିନ୍ନକ୍ଷମତା ଆଗରେ ହାରିଯାଇ ନାହାନ୍ତି। ତେଣୁ ଆଜି ସେ ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ପାଲଟିଛନ୍ତି।

୧୯୯୩ରେ ଜନ୍ମିତ ଗଣନାଥ ଜନ୍ମରୁ ସ୍ୱାଭାବିକ ଥିଲେ। ହେଲେ ପୋଲିଓର ପାର୍ଶ୍ୱପ୍ରତିକ୍ରିୟା ଯୋଗୁ ଭିନ୍ନକ୍ଷମ ପାଲଟିଗଲେ। ମା'ବାପାଙ୍କ ଉପରେ ହୋଇଗଲେ ନିର୍ଭରଶୀଳ। ଗଣନାଥ କହନ୍ତି, 'ଏହି ଘଟଣା ପରେ ମତେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହେବାକୁ ପଡ଼ିଲା। ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ବାପା ମତେ ସ୍କୁଲ, ଟ୍ୟୁଶନ୍‌କୁ ନେବା ଆଣିବା କରୁଥିଲେ। ହେଲେ ସମସ୍ତଙ୍କ ଉପରେ ନିର୍ଭର କରି ରହିବା ମତେ ଭଲ ଲାଗୁ ନ ଥିଲା। ତେଣୁ ନିଜ କାମ ନିଜେ କରିବା ଶିଖିଲି। ପିଲାଦିନରୁ ଗୀତ ଲେଖିବା, ଗାଇବା ଓ ସିନେମା ଦେଖିବାର ରୁଚି ଥିଲା। ଅନେକ ସମୟରେ ତ ମୋ ମନୋଭାବକୁ ଲେଖିକି ପ୍ରକାଶ କରୁଥିଲି। ତେବେ ଯେବେ ଆମ ସ୍କୁଲର ଗୁରୁମା' ଦୈନିକ ଡାଏରୀ ଲେଖିବା ପାଇଁ କହିଲେ ମୋର ଲେଖାଲେଖି ବଢ଼ିଗଲା। ଗୁରୁମା' ବି ମୋ ଡାଏରୀ ଲେଖିବା ଶୈଳୀ ପସନ୍ଦ କଲେ। ତେଣୁ ଆଗ୍ରହ ବଢ଼ିଲା ଅଧିକ ଲେଖାଲେଖି କରିବା ପାଇଁ। ଆଉ ୧୦ମ ଶ୍ରେଣୀରେ ଲେଖିଲି ମୋର ପ୍ରଥମ ନାଟକ। ପରେ ନାଟକ ଲେଖା ଜାରି ରଖିଲି। ଗୀତ ଗାଇବା ବି ଶିଖିଲି। ଯୁକ୍ତ ଦୁଇ ପଢ଼ିବାବେଳେ ମୋର ଲେଖା ଓ ଗାୟନକୁ ଲୋକଲୋଚନକୁ ଆଣିବାକୁ ଭାବିଲି। ଆଉ ଅଲ୍ ଇଣ୍ଡିଆ ରେଡିଓରେ ଝୁମର ଗୀତ ଗାଇବାରେ ପ୍ରସିଦ୍ଧି ହାସଲ କରିଥିବା ଝୁମର କିଶୋର ପ୍ରହଲ୍ଲାଦ ମହାନ୍ତିଙ୍କ ସହ ଦେଖାକଲି। ସେ ଜଣେ ସଙ୍ଗୀତ ନିର୍ଦ୍ଦେଶକ, କଣ୍ଠଶିଳ୍ପୀ ସହ ଆଲବମ୍ ବି କରନ୍ତି। ମୋ କଣ୍ଠ ଶୁଣି ପ୍ରଶଂସା କଲେ। ହେଲେ ଅଧିକ ଶିଖିବାକୁ ପରାମର୍ଶ ଦେଲେ। ତା'ସହ ମତେ ଗୀତ ଲେଖିବା ବି ଶିଖାଇଲେ। ଏହାପରେ ଭଲ ଗୀତ ଲେଖିବାକୁ ଚେଷ୍ଟା କଲି। ଲେଖିଥିବା ଗୀତ ମହାନ୍ତି ସାର୍‌ଙ୍କୁ ଦେଖେଇଲି। ଗୀତ ପସନ୍ଦ କଲେ। ଆଉ ତାକୁ କେନ୍ଦୁଝର ଏଆଇଆର୍‌ରେ ସାର୍ ହିଁ ଗାଇ ପରିବେଷଣ କରିଥିଲେ। ଏହାପରେ ଏଆଇଆର୍ ପାଇଁ ଝୁମର ସହ ଅନେକ ଭଜନ, ଆଧୁନିକ ଗୀତ ଲେଖିଛି। ଏହାପରେ ଫିଲ୍ମ ଲେଖିବାକୁ ମନ ବଳିଲା। ଆଉ ଲେଖିଲି ବି। ମୋର ଦୁଇଟି ଲେଖାକୁ ଶର୍ଟ ଫିଲ୍ମ କରିବାକୁ ସାର୍ ରାଜି ହେଲେ। ଆଉ କିଚକେଶ୍ୱରୀ ଫିଲ୍ମସ୍ ବ୍ୟାନରରେ ମୋର ପ୍ରଥମ ଶର୍ଟ ଫିଲ୍ମ 'ବେଟି ପଢ଼ାଇୟେ ଆଗେ ବଢ଼ାଇୟେ' ଚଳଚ୍ଚିତ୍ର ଶୁଟିଂ ହେଲା। ଏହି ଫିଲ୍ମ ପାଇଁ ମୁଁ କଳାକାର ସିନେ ପ୍ରଡକ୍ସନ ବାଲେଶ୍ୱର ତରଫରୁ ସମ୍ମାନିତ ବି ହେଲି। ସୋସିଆଲ ମିଡିଆରେ ମଧ୍ୟ ଏହା ବେଶ୍ ପ୍ରସାର ଓ ଆଦୃତ ହୋଇଛି। ପରେ ସେହି ବ୍ୟାନରରୁ ମତେ ଅଭିନୟ ପାଇଁ ଅଫର ଆସିଲା। 'ଆଖିର ମୋ ଜ୍ୟୋତି' ଗୀତରେ ପ୍ରଥମେ ଅଭିନୟ କଲି। ପରେ 'ମତେ ଦେଇଚୁ ତୁ ସବୁ ବଢ଼େଇ' ଗୀତରେ ବି ଅଭିନୟ କଲି। ଏହାପରେ ମତେ ସେହି ବ୍ୟାନରରେ ନିର୍ଦ୍ଦେଶନା ଦେବାର ସୁଯୋଗ ମିଳିଲା। ଆଉ 'ଭାଦର ମାସ ଏକାଦଶୀ' ଗୀତର ନିର୍ଦ୍ଦେଶନା ଦେଲି। ପରେ ଏକାସଙ୍ଗରେ ନିର୍ଦ୍ଦେଶନା ଓ ଅଭିନୟ ବି କରିଛି। ନାଟକ ବି ଲେଖାଲେଖି ଜାରି ରଖିଥିଲି। ମୁଁ ପଢାଉଥିବା ସ୍କୁଲର ପିଲାଙ୍କୁ ନିଜ ରଚିତ ନାଟକ'କିଶୋରୀ'ରେ ନିର୍ଦ୍ଦେଶନା ଦେଇ ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବରେ ପରିବେଷଣ କରିଥିଲୁ। ଆଉ ସେଠି ସମ୍ମାନିତ ବି ହେଲୁ। ଏହାଛଡ଼ା ସ୍କୁଲ ପିଲାଙ୍କୁ ମୁଁ ନୃତ୍ୟ ବି ଶିଖାଏ। ନିକଟରେ ଶିଶୁ ଦିବସ ଅବସରରେ 'ମୁଁ ବି ପଢ଼ିବି' ଶୀର୍ଷକ ଗୀତ ରଚନା ଓ ସଂଗୀତ ନିର୍ଦ୍ଦେଶନା ଦେଇଥିଲି ,ଯାହାକି ୟୁ ଟ୍ୟୁବ୍‌ରେ ରହିଛି।



ଆଦିକନ୍ଦ ସାହୁ

→


ଗଣନାଥ ମହାନ୍ତ

ଶିଶୁ ମାନଙ୍କ ଉପରେ ବହୁ ଭିଡିଓ ନାଟକ/ସଂଗୀତ ଆଲବମ ପ୍ରସ୍ତୁତ କରିଛି। ୩୦୦ରୁ ଊର୍ଦ୍ଧ୍ୱ ଝୁମର ଗୀତ, ୧୦୦ରୁ ଅଧିକ ମା' ତାରିଣୀ ଓ ଜଗନ୍ନାଥ ଭଜନ, ୧୦୦ ରୁ ଅଧିକ ଆଧୁନିକ ଗୀତ, ୫୦ଟି କାହାଣୀ, ୫ଟି ନାଟକ, ୨ଟି ସଂଳାପ ଓ ୧୦ଟି ଚିତ୍ରନାଟ୍ୟ କରିଛି। ୨୦୧୩ରୁ ମୁଁ କେତାଙ୍ଗ ଆଶ୍ରମ ସ୍କୁଲରେ ବିଜ୍ଞାନ ଶିକ୍ଷକଭାବେ କାର୍ଯ୍ୟରତ। ଏହାଛଡ଼ା ଗାଁଦାଣ୍ଡ, ପୋଖରୀ, ମନ୍ଦିର, ଡାକ୍ତରଖାନା ଆଦି ସଫେଇ କାମରେ ସାମିଲହୋଇ ସ୍ୱଚ୍ଛ ଭାରତ ଅଭିଯାନକୁ ତ୍ୱରାନ୍ୱିତ କରୁଛି। ବିଭିନ୍ନ ଶିକ୍ଷାନୁଷ୍ଠାନରେ ବୃକ୍ଷରୋପଣ, ନୃତ୍ୟଗୀତ ପରିବେଷଣ ଆଦି କାର୍ଯ୍ୟ ବି କରୁଛି।

**ଦୃଷ୍ଟିହୀନ ସାଜିଲେ ତବଲାବାଦକ:** ଜଟଣୀ, ସୀତାରାମ କଲୋନୀର ଆଦିକନ୍ଦ ସାହୁ ସମ୍ପୂର୍ଣ୍ଣ ଦୃଷ୍ଟିହୀନ । ହେଲେ ସେ କାହାକୁ ସାହାଯ୍ୟର ଭିକ ମାଗିନାହାନ୍ତି କି କାହା କାନ୍ଧର ଭାର ହୋଇ ବଞ୍ଚିବାକୁ ଚିନ୍ତା ବି କରିନାହାନ୍ତି। ବରଂ ତାବଲା ବଜାଉଛନ୍ତି ଓ ଅନ୍ୟକୁ ବି ଶିଖାଉଛନ୍ତି । ନିଜ ଗୋଡ଼ରେ ଛିଡ଼ା ହେବାର ପ୍ରବଳ ଜିଦ୍ ଓ କିଛି କରି ଦେଖାଇବାର ଜ୍ଜୁ' ଆଗରେ ଅକ୍ଷମତା ହାର ମାନିଛି।

୫୨ବର୍ଷୀୟ ଆଦିକନ୍ଦଙ୍କ ନିଜ ଘର ଗଞ୍ଜାମ ଜିଲା ରମ୍ଭାର ଶାବୁଳିଆ ଗାଁରେ। ୧୯୬୦ ମସିହାରେ ବାପାମାଙ୍କ ସହିତ ସେ ଜଟଣୀ ଚାଲି ଆସିଥିଲେ । ପ୍ରାଚୀନ କଳାକେନ୍ଦ୍ର ଚଣ୍ଡୀଗଡ଼ରୁ ତାବଲାରେ ସଙ୍ଗୀତ ଭାସ୍କର ଓ ହିନ୍ଦୁସ୍ଥାନୀ କଣ୍ଠ ସଂଗୀତରେ ବିଶାରଦ ଶିକ୍ଷା ଗ୍ରହଣ କଲେ। ମା'(ଯଶୋଦା) ଓ ବାପା (ହରିଚରଣ) ତାଙ୍କୁ ଆଗକୁ ବଢିବାରେ ସବୁପ୍ରକାର ସାହାଯ୍ୟ ଓ ପ୍ରେରଣା ଯୋଗାଉଥିଲେ। ହେଲେ ୧୯୯୫ରେ ବାପା ଓ ୧୯୯୯ରେ ମା'ଙ୍କ ମୃତ୍ୟୁ ଘଟିଲା । ତା'ପରଠୁ ସେ ହୋଇଗଲେ ସମ୍ପୂର୍ଣ୍ଣ ଏକା। ଏହାପରଠୁ ସେ ଖାଦ୍ୟ ପ୍ରସ୍ତୁତଠାରୁ ଆରମ୍ଭକରି ଅନ୍ୟାନ୍ୟ ସମସ୍ତ କାମ ନିଜେ କରୁଛନ୍ତି । ଆଦିକନ୍ଦ କୁହନ୍ତି, ''ଜନ୍ମରୁ ମୁଁ ଅନ୍ଧ ନ ଥିଲି। ୫ ବର୍ଷ ହୋଇଥିବା ବେଳେ ମୋର ଆଖି ସାମାନ୍ୟ ଫୁଲିଯାଇଥିଲା । ଘର ଲୋକେ ସେଥିରେ ପାନପତ୍ର ବାଟି ବୋଳି ଦେଇଥିଲେ। ପରେ ଆଖି ଦୁଇଟି ସଂକ୍ରମିତ ହୋଇଯାଇଥିଲା। ଅନେକ ଡାକ୍ତରଙ୍କ ନିକଟରେ ଚିକିତ୍ସିତ ହେଲା ପରେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା । ଆଉ ସବୁଦିନ ପାଇଁ ଆଖି ଦୁଇ ହରାଇ ବସିଲି। ହେଲେ ଜୀବନଯୁଦ୍ଧରେ ଆଗେଇ ଚାଲିଲି। ଏବେ ମୁଁ ୧୩ ଜଣଙ୍କୁ ତାବଲା ଶିକ୍ଷା ପ୍ରଦାନ କରୁଛି । ଆଉ ମାସକୁ ୪ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଛି । ଏମିତିକି ତବଲା ଶିକ୍ଷା ଦେବା ପାଇଁ ପିଲାଙ୍କ ଘରକୁ ଦୁଇରୁ ତିନି କିଲୋମିଟର ଏକାକୀ ଚାଲି ଚାଲି ଯାଉଛି ।''

**ନିଜେ ଭିନ୍ନକ୍ଷମ ହୋଇ ସାଜିଲେ ଭିନ୍ନକ୍ଷମଙ୍କ ଭଗବାନ:** ଯାଜପୁର ଜିଲା ସାନବାଗ ସାହିର ମଣ୍ଟୁ ଦାସ। ସେ ଜଣେ ଭିନ୍ନକ୍ଷମ। ହେଲେ ଏବେ ଅନ୍ୟ ଭିନ୍ନକ୍ଷମଙ୍କ ପାଇଁ ପାଲଟିଛନ୍ତି ଭଗବାନ। ସେମାନଙ୍କୁ ସେମାନଙ୍କ ଅଧିକାର ପ୍ରଦାନ କରିବା ପାଇଁ ସେ ଅହରହ ଯୁଦ୍ଧ ଚଳାଇଛନ୍ତି। ତା'ସହ ଶିଶୁଙ୍କ ପ୍ରତି ଅବହେଳା, ଶିଶୁ ଶ୍ରମିକ ପ୍ରଥା ଓ ବାଲ୍ୟବିବାହ ପ୍ରଥା ବନ୍ଦ କରିବା ପାଇଁ ମଧ୍ୟ ସଂଗ୍ରାମ ଚଳାଇ ଆସୁଛନ୍ତି।

ଗରିବ ପରିବାରରେ ଜନ୍ମିତ ମଣ୍ଟୁଙ୍କର ବାପା ରତ୍ନାକର ଦାସ ଜଣେ ଟ୍ୟାକ୍ସି ଚାଳକ ଥିଲେ। ହେଲେ ମାତ୍ର ୮ ବର୍ଷ ବୟସର ହେବାବେଳକୁ ସେ ଚାଲିଗଲେ। ୬ ଭାଇ ଭଉଣୀ ଓ ମା' ହୋଇଗଲେ ବେସାହାରା। ଅଭାବ ଲାଗି ରହିଲା। ତେଣୁ ପିଲାଦିନୁ ଡାକ୍ତର ହେବାର ସ୍ୱପ୍ନ ତାଙ୍କର ମରିଗଲା। ଯୁକ୍ତ ୩ ବାଣିଜ୍ୟରେ ଉତ୍ତୀର୍ଣ୍ଣ ହେଲେ। ସମାଜସେବାରେ ତାଙ୍କର ମନ ବଳିଲା। ତେଣୁ ଏକ ଘରୋଇ ବିଦ୍ୟାଳୟରେ ଶିକ୍ଷକତା କରିବା ସହ ସମାଜସେବା ସହ ଜଡ଼ିତ ରହିଲେ। ଦିବ୍ୟାଙ୍ଗମାନଙ୍କୁ ସେମାନଙ୍କ ଅଧିକାର, ସୁରକ୍ଷା ଦେବା ଓ ସେମାନଙ୍କ ମନରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ହେଉଛି ତାଙ୍କ ଜୀବନର ଲକ୍ଷ୍ୟ। ଏଯାବତ୍ ସେ ଯାଜପୁର ଜିଲାର ପ୍ରାୟ ୪୦୦୦ ଦିବ୍ୟାଙ୍ଗଙ୍କୁ ସାହାଯ୍ୟ କରିଛନ୍ତି। ସେମାନଙ୍କ ଅଧିକାର ପାଇଁ ସେ ବହୁବାର ଅନଶନ, ଧାରଣା ବି ଦେଇଛନ୍ତି। ଗାଁ ଗାଁ ବୁଲି ଭିନ୍ନକ୍ଷମଙ୍କ ସମସ୍ୟା ବୁଝି ତା'ର ସମାଧାନ ପାଇଁ ପ୍ରଶାସନର ଦ୍ୱାରସ୍ଥ ବି ହୋଇଛନ୍ତି। ଏହି କାମରେ ସେ ଏତେ ବ୍ରତୀ ଯେ, ନିଜ ହାତରୁ ଟଙ୍କା ଖର୍ଚ୍ଚ କରି ସାରା ଜିଲାରେ ଦିବ୍ୟାଙ୍ଗ ରଥ ବୁଲାଇଥିଲେ। ଏହାବ୍ୟତୀତ ଅବହେଳିତ ଶିଶୁଙ୍କର ଥଇଥାନ, ଶିଶୁ ଶ୍ରମିକ ଉଚ୍ଛେଦ ଓ ସେମାନଙ୍କର ଉଦ୍ଧାର, ବାଲ୍ୟବିବାହ ବନ୍ଦ କରିବା ପାଇଁ ବି କାମ କରୁଛନ୍ତି। ମଣ୍ଟୁଙ୍କର ସମାଜ କଲ୍ୟାଣ କାର୍ଯ୍ୟ ପାଇଁ ସେ ଯାଜପୁର ଜିଲା ଦିବ୍ୟାଙ୍ଗ କମିଟିର ସଭାପତି ଅଛନ୍ତି, ଯେଉଁଥିରେ ୫୦୦୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ସଦସ୍ୟ ଅଛନ୍ତି।

**ଭଲିବଲ୍‌ର ନୂଆ ସମ୍ଭାବନା:** ମାଲକାନଗିରି ଜିଲ୍ଲା, କାଲିମେଳା ବ୍ଲକ୍ ଅନ୍ତର୍ଗତ ତିନିରାଜ ପଲ୍ଲୀ ଗାଁର କମଳା କାରମ୍‌ଙ୍କ ବୟସ ୧୪ ବର୍ଷ। ବାମହାତଟି ତାଙ୍କର ନାହିଁ। ହେଲେ ଭଲି ବଲ୍ ଖେଳରେ ସେ ନିପୁଣା। କାଲିମେଳା କନ୍ୟାଶ୍ରମରେ ସପ୍ତମ ଶ୍ରେଣୀରେ ପଢୁଛନ୍ତି। ତେବେ ଜିଲ୍ଲା ପ୍ରଶାସନ ତାଙ୍କ ପ୍ରତିଭା ସମ୍ପର୍କରେ ଜାଣି ତାଙ୍କୁ ବର୍ତ୍ତମାନ ଜିଲା ସଦର ମହକୁମା ଖେଳ ଛାତ୍ରାବାସରେ ରହି ଭଲିବଲ ତାଲିମ ନେବାର ସୁବିଧା ପ୍ରଦାନ କରିଛନ୍ତି। ଆଉ ସେଠି ସେ ଉଚ୍ଚକୋଟିର ପ୍ରଦର୍ଶନ କରି ଚାଲିଛନ୍ତି। ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଅନେକ ସଫଳତା ପାଇଲେଣି। ତାଙ୍କର ଖେଳ ଦେଖି ଦର୍ଶକମାନେ ତାଙ୍କୁ ଭୂରି ଭୂରି ପ୍ରଶଂସା କରନ୍ତି। ଜିଲା ପ୍ରଶାସନ ବି କମଳାଙ୍କର ଗୋଟିଏ ହାତର ଉଚ୍ଚକୋଟୀର ଭଲିବଲ ଖେଳକୁ ଦେଖି ତାଙ୍କୁ ସବୁ ପ୍ରକାର ସାହାଯ୍ୟ ଓ ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତାଙ୍କର ପ୍ରଦର୍ଶନ ଏତେ ଭଲ ରହିଛି ଯେ,ଆଉ ମାତ୍ର ୪ ମାସ ପରେ ତାଙ୍କୁ ରାଜ୍ୟ ଏବଂ ଜାତୀୟସ୍ତରର ପ୍ରତିଯୋଗିତାରେ ଖେଳିବାର ସୁଯୋଗ ନିଶ୍ଚିତ ମିଳିବ ବୋଲି ଜିଲା କ୍ରୀଡ଼ା ଅଧିକାରୀ ପ୍ରକାଶ କରିଛନ୍ତି।

**-ଶିବାନୀ**

**ନରେଶ ପଟ୍ଟନାୟକ, ହର୍ଷବର୍ଦ୍ଧନ ବେହେରା, ଶ୍ରୀକାନ୍ତ ପରିଜା,ଜଗନ୍ନାଥ ଧଳ, ଭାସ୍କର ରାଉତରାୟ, ଦୁର୍ଯ୍ୟୋଧନ ପାତ୍ର**


କମଳା କାରମ୍




ନିର୍ଦ୍ଦେଶନା ଦେବାବେଳେ ଗଣନାଥ (ଡାହାଣ)

# ସ୍ୱାଧୀନଚେତା ଲେଖିକା












ନରୱେର ଜଣେ ପ୍ରସିଦ୍ଧ ଔପନ୍ୟାସିକା ସିଗ୍ରିଡ୍ ଅନ୍‌ସେଟ୍। ୧୯୨୮ରେ ତାଙ୍କୁ ବିଶ୍ୱ ସାହିତ୍ୟର ସର୍ବୋଚ୍ଚ ସମ୍ମାନ ନୋବେଲ ପୁରସ୍କାର ମିଳିଥିଲା। ଏହା ହିଁ ତାଙ୍କୁ ଆଣି ଦେଇଥିଲା ବିଶ୍ୱପ୍ରସିଦ୍ଧି। ବାସ୍ତବରେ ସିଗ୍ରିଡ୍ ଅନ୍‌ସେଟ୍‌ଙ୍କର ଜନ୍ମ ନରୱେରେ ନୁହେଁ, ଡେନ୍‌ମାର୍କରେ। ସେ ଦୁଇବର୍ଷର ହୋଇଥିବା ବେଳେ ତାଙ୍କ ପରିବାର ଡେନ୍‌ମାର୍କ ଛାଡ଼ି ନରୱେ ଚାଲି ଆସିଥିଲେ। 'କ୍ରିଷ୍ଟିନ୍ ଲାଭ୍ରାନ୍ସଡେଟର' ତାଙ୍କର ପ୍ରସିଦ୍ଧ ଉପନ୍ୟାସ। ଏହା ଏକ ଟ୍ରାୟୋଲୋଜି। ଜଣେ ମହିଳାଙ୍କର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଘଟଣା ଏହି ପୁସ୍ତକର ବିଷୟବସ୍ତୁ।

**ଜନ୍ମ ଓ ପିଲାବେଳ:** ୧୮୮୨ ମସିହା ମେ' ୨୦ ତାରିଖରେ ଡେନ୍‌ମାର୍କର କାଲୁଣ୍ଡବର୍ଗରେ ଜନ୍ମ ହୋଇଥିଲେ ସିଗ୍ରିଡ୍। ତାଙ୍କୁ ଛାଡ଼ି ତାଙ୍କର ଥିଲେ ଆଉ ଦୁଇଟି ଭଉଣୀ। ସିଗ୍ରିଡ୍ ଥିଲେ ତାଙ୍କ ପରିବାରର ପ୍ରଥମ ସନ୍ତାନ। ବାପା ମାର୍ଟିନ୍ ଅନ୍‌ସେଟ୍ ଜଣେ ସ୍ଥପତି। ସେ ନରୱେରେ କାମ କରୁଥିଲେ। ସେଥିଲାଗି ସେ ଡେନ୍‌ମାର୍କରେ ଜନ୍ମ ହୋଇଥିଲେ ମଧ୍ୟ ବଡ଼ ହୋଇଥିଲେ ନରୱେରେ। ୧୧ବର୍ଷ ବୟସରେ ସେ ତାଙ୍କ ପିତାଙ୍କୁ ହରେଇଥିଲେ। ବାପାଙ୍କ ମୃତ୍ୟୁ ପରେ ପରିବାରର ଆର୍ଥିକ ସ୍ଥିତି ଦୟନୀୟ ହୋଇଉଠିଲା। ୧୬ବର୍ଷ ବୟସରୁ ରୋଜଗାର କରି ତାଙ୍କୁ ପରିବାରର ବୋଝ ବହନ କରିବାକୁ ପଡ଼ିଥିଲା। ସେ ଏକ ଇଞ୍ଜିନିୟରିଂ କମ୍ପାନୀରେ କାମ କଲେ। ୧୯୦୭ରେ ନରୱେନ୍ ଅଥର୍ସ ୟୁନିୟନରେ ଯୋଗଦେଲେ। କହିବାକୁ ଗଲେ, ଏହା ହିଁ ଥିଲା ସାହିତ୍ୟ ସହିତ ତାଙ୍କର ପ୍ରଥମ ପ୍ରତ୍ୟକ୍ଷ ସମ୍ପୃକ୍ତି।

**ମୌଳିକ ଲକ୍ଷ୍ୟ 'ସାହିତ୍ୟ' :** ଖୁବ୍ କମ୍ ବୟସରେ ପରିବାରର ବୋଝ ସମ୍ଭାଳିବାକୁ ଯାଇ ସେ ଚାକିରି କରିଥିଲେ ମଧ୍ୟ ତାଙ୍କର ମୌଳିକ ଲକ୍ଷ୍ୟ ଥିଲା ସାହିତ୍ୟ। ସେଥିରୁ ସେ ବିଚ୍ୟୁତ ହୋଇ ନ ଥିଲେ। କାମ କରିବା ସମୟରେ ପଢ଼ାପଢ଼ି କରୁଥିଲେ। ଆଉ ଲେଖାଲେଖି ମଧ୍ୟ କରୁଥିଲେ। ୧୬ବର୍ଷ ବୟସରେ ସେ ଲେଖିଥିଲେ ତାଙ୍କର ପ୍ରଥମ ଉପନ୍ୟାସ, ଯାହା ଏକ ଐତିହାସିକ ପୃଷ୍ଠଭୂମିକୁ ନେଇ ଗଢ଼ି ଉଠିଥିଲା। ତେବେ ତାହା ଅପ୍ରକାଶ୍ୟ ହୋଇ ରହିଗଲା। ଏହାର ଦୁଇବର୍ଷ ପରେ ସେ ଅନ୍ୟ ଏକ ଉପନ୍ୟାସ ରଚନା କଲେ। ଏହା ୮୦ ପୃଷ୍ଠା ସମ୍ବଳିତ ଏକ ଉପନ୍ୟାସ ଥିଲା, ଯାହା ରଚିତ ହୋଇଥିଲା ଜଣେ ନାରୀର ଆଧୁନିକ ମାନସିକତାକୁ ନେଇ। ସେହି ଉପନ୍ୟାସର ନାମ ଥିଲା 'ଫ୍ରୁ ମାର୍ଟା ଔଲେ'। ସିଗ୍ରିଡ୍‌ଙ୍କୁ ଲେଖକୀୟ ମାନ୍ୟତା ମିଳିଲା ୨୫ବର୍ଷ ବୟସରେ। କାରଣ ପ୍ରକାଶିତ ହେଲା ତାଙ୍କର ସମ୍ପୂର୍ଣ୍ଣ ବାସ୍ତବବାଦୀ ଉପନ୍ୟାସ। ଜଣେ ସଚେତନ ନାରୀର ମୁକ୍ତ ଆତ୍ମପ୍ରକାଶକୁ ନେଇ ଗଢ଼ିଉଠିଥିଲା ଉପନ୍ୟାସର ବିଷୟବସ୍ତୁ। ତେବେ ସେତେବେଳର ରକ୍ଷଣଶୀଳ ସମାଜ ତାଙ୍କୁ ସହଜରେ ଗ୍ରହଣ କରିନେବାକୁ ପ୍ରସ୍ତୁତ ହୋଇ ନ ଥିଲା। ସେଥିଲାଗି ତାଙ୍କୁ ଅନେକ ନିନ୍ଦା, ସମାଲୋଚନା ଶୁଣିବାକୁ ପଡ଼ିଥିଲା। ଉପନ୍ୟାସ ବ୍ୟତୀତ ବହୁ କ୍ଷୁଦ୍ରଗଳ୍ପ ମଧ୍ୟ ସେ ଲେଖିଥିଲେ। ତାଙ୍କର ଗଳ୍ପ ବା ଉପନ୍ୟାସ ମୁଖ୍ୟତଃ ମଧ୍ୟବିତ୍ତ ମଣିଷର ଦୁଃଖ, ଦୈନ୍ୟ, ସମ୍ପର୍କର ଅବକ୍ଷୟକୁ ନେଇ ରଚିତ ହୋଇଥିବା ହେତୁ ସେ ଖୁବ୍ କମ୍ ଦିନ ମଧ୍ୟରେ ଖ୍ୟାତିର ଶୀର୍ଷରେ ପାଦ ଥାପିଥିଲେ।

**ବିବାହ ଓ ଶେଷ ଜୀବନ :** ୩୦ବର୍ଷ ବୟସରେ ସିଗ୍ରିଡ୍ ଆଣ୍ଡର୍ସ କାସ୍‌ଟସ୍ ସ୍ୱାର୍ଷ୍ଟାଡ୍‌ଙ୍କ ସହିତ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ରୋମ୍‌ରେ ସେମାନେ ପରସ୍ପରକୁ ଭେଟିଥିଲେ। ବୟସରେ ଆଣ୍ଡର୍ସ ତାଙ୍କଠୁ ୯ବର୍ଷ ବଡ଼ ଥିଲେ। ୧୯୧୨ରେ ସେମାନଙ୍କର ବିବାହ ହେଲା। ବିବାହ ପରେ ସେମାନେ ଲଣ୍ଡନ ଚାଲି ଯାଇଥିଲେ। ଲଣ୍ଡନରୁ ଫେରି ରୋମ୍‌ରେ ରହିଲେ। ରୋମ୍‌ରେ ନିଜର ପ୍ରଥମ ପୁତ୍ରଙ୍କୁ ଜନ୍ମଦେଲେ ସିଗ୍ରିଡ୍। ଏ ସବୁ ଭିତରେ ଲେଖାଲେଖିରୁ ସେ ଓହରି ଯାଇ ନ ଥିଲେ। ପୁଣି ବହୁ ସଭା ସମିତିରେ ଯୋଗଦେଇ ତାଙ୍କର ସ୍ପଷ୍ଟ ମତ ରଖୁଥିଲେ।

**ସ୍ୱାଧୀନଚେତା ବ୍ୟକ୍ତିତ୍ୱ :** ସିଗ୍ରିଡ୍ ଜଣେ ସ୍ୱାଧୀନଚେତା ଲେଖିକା। ୧୯୨୪ରେ ସେ ରୋମାନ୍ କ୍ୟାଥୋଲିକ୍ ଧର୍ମ ଗ୍ରହଣ କରିଥିଲେ। ସେ ଖୋଲାଖୋଲି ଭାବରେ ଜର୍ମାନୀର ନାଜି ଶାସକଙ୍କୁ ସମାଲୋଚନା କରୁଥିଲେ। ଫଳରେ ତାଙ୍କୁ ଯାବତୀୟ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏମିତିକି ଏହି କାରଣ ପାଇଁ ତାଙ୍କୁ ନରୱେ ଛାଡ଼ିବାକୁ ହୋଇଥିଲା। ଅବଶ୍ୟ ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହେବା ପରେ ସେ ପୁଣିଥରେ ନରୱେ ଫେରି ଆସିଥିଲେ। ୧୯୪୯ ଜୁନ୍ ୧୦ ତାରିଖରେ ସିଗ୍ରିଡ୍‌ଙ୍କ ଦେହାନ୍ତ ଘଟିଥିଲା। ମେସନାଲି ନାମକ ଏକ ଗ୍ରାମରେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହୋଇଥିଲା।





## ସମ୍ବନ୍ଧ

– ଡ. ଭବାନୀ ଶଙ୍କର ଦାଶ

**କେ** କହିପାରିବ ପ୍ରଥମ ଫଗୁଣ
ଛୁଇଁ ଦେଇ ଗଲେ କେମିତି ଲାଗେ,
କାହିଁକି କା’ ଲାଗି ଅନ୍ତର ତଳେ
ମରଣର ନିଶା କେମିତି ଜାଗେ ।

କେ ଅଛି ସଂସାରେ ଏମିତି ମଣିଷ
ହଜାଇନି ଯିଏ ଜୀବନେ କିଛି,
ପାଇ ହରାଇବା, ହରାଇ ପାଇବା
ଏଇ ସକାଶେ ତ ବଞ୍ଚି ହଉଛି ।

କେ ଗଣିପାରିବ ଉଜୁଡ଼ା ଛାତିରୁ
କେତେ ଦୀର୍ଘଶ୍ୱାସ ନିଇତି ଛୁଟେ,
କେ ରୋଧିପାରିବ ଲୁହର ସୁଅକୁ
ମନ ତଳେ ଯଦି ବସୁଧା ଫାଟେ ।

କେ କଳିପାରିବ କରମର ଫଳ
କେ ରୂପେ କେମିତି କାହାକୁ ମିଳେ,
ଆପଣା ଭିତରେ କାହା ପାଇଁ କିଆଁ
ଅହରହ ଏଠି ଜୁଇଟେ ଜଳେ ।

କେ ବୁଝିପାରିବ ସମ୍ବନ୍ଧ ତୁଟିଲେ
ଶବଦ କେମିତି ଜଗତ ଗ୍ରାସେ,
ଈଶ୍ୱର ବି ଏଠି ଆକାଶରୁ ମାଟି
ମଲା ମାଛ ପରି ଲୁହରେ ଭାସେ ।

*– ଅଧ୍ୟାପକ, ଶିଶୁ ଅନନ୍ତ ମହାବିଦ୍ୟାଳୟ,*
*ବାଲିପାଟଣା, ଖୋର୍ଦ୍ଧା*

## ବିରହ ଗୀତିକା

– ସାଇ ସିଦ୍ଧାନ୍ତ ବେହେରା

ବିରହ ଜ୍ୱାଳାରେ ଜଳୁଛି ମୁଁ ପ୍ରିୟା
ପ୍ରତିଶ୍ରୁତି ତମ ସାଜିଛି ଛଳନା
ଭଲପାଇବାରେ ପାଇଛି ମୁଁ ଧୋକା
ପ୍ରେମ ପାଲଟିଛି ତମ ଖେଳନା ॥
ପୁଣି ଭାଙ୍ଗିଦେଲ ଯାହା ଗଢ଼ିଥିଲ
ସବୁକଲ ମନଇଚ୍ଛା
ସାଉଣ୍ଟୁଛି ହସି ସ୍ମୃତିସବୁ ବସି
ଆଜିଯାଏ ଏକା ଏକା ॥
ନିଜ ଲୁହ ପିଇ ଗୁମୁରି କାନ୍ଦୁଛି
ଲହୁଲୁହରେ ମୁଁ ଭିଜି
ସକାଳର ସୂର୍ଯ୍ୟ ଅସ୍ତହେବା ଯାଏ
ସ୍ମୃତିରେ ଯାଉଛି ହଜି ॥
କେତେକେତେ କଥା ମନକୁ ଆସୁଛି
ମରୁ ସାଗରର ମୋତି
ଆଉ ଗାଁ ଜହ୍ନ ସେଇକଥା କହି
ଚିଡ଼ଉଛି ନିତିନିତି ॥
ଖୁସିର ଝଲକ ଦେଖିନି କେମିତି
ଦୁଃଖର ଝଲକ ଫିକା
ଭଲପାଇବାର ମରୁବାଲି ପରେ
ଚାଲିଛି ମୁଁ ଏକା ଏକା ॥
ପ୍ରତାରଣା ତମ ସହିଛି ମୁଁ ସବୁ
ମିଛ ପ୍ରତିଶ୍ରୁତି ନେଇ
ହେଲେ ସେଦିନରୁ ତମ ବିନା ମୋର
ଆପଣାର କେହି ନାହିଁ ॥
ତଥାପି ରହିଛି ମନରେ ଭରସା
ତମେ ତ ଆସିବ ଫେରି
ତମ ବିନା ଏଠି ଭଲ ଲାଗୁନାହିଁ
ସୁଖ ତ ଯାଇଛି ସରି ॥
ଫେରି ଆସି କେବେ ମାପିନିଅ ପ୍ରିୟା
ପ୍ରତିଟି ମୋ ନିଃଶ୍ୱାସକୁ
ପରଖିନିଅ ଗୋ ତମ କଷଟିରେ
ମୋ ଛାତିର ବିଶ୍ୱାସକୁ ॥
ପ୍ରତିଟି ଶିରାରେ ପ୍ରତି କଣିକାରେ
ତମ ନାଁ ଅଛି ଲେଖା
ବିରହୀ ମନର ବିରହ ଗୀତିକା
ତମ ପାଇଁ ଚିତ୍ରଲେଖା ॥

*– ସେକ୍ଟର ୧୧୭,*
*ବେଲାପୁର, ନ୍ୟୁ ମୁମ୍ବାଇ*

## ଭାବାନ୍ତର

– ରୁଦ୍ରମାଧବ ସାହୁ

‘ଛିଲୁ ଅନୁପ୍, ଏ ଡ୍ରେସ୍‌ଟା ପୂରା ବେକାର ଲାଗୁଛିରେ । କମ୍‌ସେକମ୍ ଦି’ ତିନିଟା ଡିଜାଇନ୍ ଆଣି ଆମେ ଷ୍ଟୁଡେଣ୍ଟ୍‌ମାନଙ୍କଠୁଁ ମତ ନେବା ଦରକାର ଥିଲା । ଆରେ ସେ ଡିଜାଇନର୍‌ଟାର ବି ଏମିତି ପସନ୍ଦ ? ଛିଃ !’

ନୂଆ ରକମର ୟୁନିଫର୍ମ ପିନ୍ଧି କଲେଜ ଗେଟ୍ ଭିତରକୁ ଏଣ୍ଟ୍ରି ମାରୁଥିବା କଲେଜମେଟ୍‌ମାନଙ୍କୁ ଦେଖି ଅମନ୍ କହୁଥିଲା ମୋ ଉଦ୍ଦେଶ୍ୟରେ । ସେପଟେ ଗେଟ୍ ପାଖେ ଗାର୍ଡ଼ ମହାଶୟ ଗୋଟିଗୋଟି କରି ଇସାରା ନଚାଇ ତନଖି କରି ଛାଡୁଥିଲେ ପିଲାମାନଙ୍କୁ । ଅନ୍ତତଃ ଅଣଛାତ୍ରମାନଙ୍କ ଅବାଧ ପ୍ରବେଶ ପୂର୍ବକ ବିଶୃଙ୍ଖଳା ଉପୁଜାଇବାରୁ କ୍ଷାନ୍ତ ହେବାକୁ ।

ତା’ କଥା ଶୁଣିଲାବେଳେ ମୋ ସ୍ୱରରେ ଆପେ ଚିତ୍ରିତ ହେଉଥିଲା ସହମତି ସୂଚକ ହୁଁ ଟିଏ । ଆଉ ସେତିକିବେଳେ କୋଚିଂକ୍ଲାସ୍ ସାରି କଲେଜ ଗେଟ୍ ଆଡ଼କୁ ପାହୁଲ ଉଠାଇ ଚାଲିବା ଆରମ୍ଭ କଲୁ । ମନରେ ଦ୍ୱନ୍ଦ୍ୱ । ଆମକୁ ଗାର୍ଡ଼ ଅଙ୍କଲ ଆଜି କ୍ଲାସ୍ ଦି’ଟା କରି ଆସିବା ପାଇଁ ପ୍ରଶ୍ରୟ ଦେବେ ତ । ପୁରୁଣା ୟୁନିଫର୍ମରେ ବି ଆମେ ନଥିଲୁ । ପୂରା ଅଲଗା । ଜିନ୍ସ୍‌ପ୍ୟାଣ୍ଟକୁ ଟି’ ଶର୍ଟ । ଗୋଟେ ପଟେ ‘ହଁ, ଚିହ୍ନା ବ୍ରାହ୍ମଣର ପଇତା କି ଲୋଡ଼ା’ର ଆଶ୍ୱସ୍ତି । ତ ଅନ୍ୟପାଖେ ନିୟମ । ଦୋଦୋ ପାଞ୍ଚ ହେଇ ତଥାପି ଆଗଉଥିଲୁ ।

ହଠାତ୍ କ’ଣ ମନହେଲା ପଛକୁ ବୁଲି ଚାହିଁଲି । ଆଖିରେ ସତେ କି କିଏ ମେଞ୍ଚେ ଚମକ ନେସି ଦେଇଗଲା । ହୃତ୍‌ସ୍ପନ୍ଦନ ଏବେ ତୀବ୍ର । କାନଯାଏଁ ପହଞ୍ଚି ପାରୁଥିଲା । ଓଠରେ ଉକୁଟି ଆସୁଥିଲା ଟେନାଏ ସ୍ମିତ ହସ ।

ହଁ, ସେ ଆସୁଥିଲା । ଖଣ୍ଡେ ଦୂରରେ । ପୁଣି ନୂଆ ୟୁନିଫର୍ମରେ ।

ମନେମନେ ଏବେ ମୁଁ ଢେର ତାରିଫ୍ କରୁଥିଲି ସେଇ ରୁଚିସମ୍ପନ୍ନ ଡିଜାଇନର ମହାଶୟଙ୍କୁ ।

*– ବାଘମୁଣ୍ଡା, କାକଟପୁର, ପୁରୀ ।*



## ସ୍ମୃତି

– ଦେବୀଲାଲ ରଥ

**ହେ**ଇପାର ତୁମେ କାହାପାଇଁ
ଫଗୁଣର ବାସ୍ନା ଅବା ଓଠ ଧାରେ ଅସରନ୍ତି ହସ ।
କେବେ ହେଇପାର ତୁମେ ପୁଣି
ବର୍ଷାଭିଜା ଅତୀତ ଅବା ରକ୍ତାଭ ଗୋଲାପର ବାସ ॥

ମନେ ପକେଇଦିଅ ତୁମେ ଯେ
ନାୟକ ନାୟିକାଙ୍କୁ ହଜିଲା ପ୍ରୀତିର ପହିଲି ପରଶ ।
ଆହ୍ଲାଦିତ ହୁଅନ୍ତି ଆଉ କିଛି
ମନେପକାଇ ତୁମ ଭିତରେ ନିଜେ ନିଜ ଇତିହାସ ॥

କିନ୍ତୁ... କାହିଁକି ?

ମୋ ଆଖିରେ ଆର୍ଦ୍ରତା ଭରିଦିଅ ।
ଯେଉଁ ସମୟରେ
ଯେବେବି ତୁମେ ମୋ ପାଖକୁ ଆସ ॥

– ଭୁବନେଶ୍ୱର



# ପୁଣି ପ୍ରେମରେ ପଡ଼ିଲେ ଦୀପିକା


ରଣବୀର-ଦୀପିକା

ରଣବୀର ସିଂଙ୍କୁ ପ୍ରେମ ବିବାହ କରିବା ପରେ ପୁଣି ଥରେ ପ୍ରେମରେ ପଡ଼ିଯାଇଛନ୍ତି ଦୀପିକା। କି କଥା ! ଏତେବର୍ଷ ଧରି ଦୁହିଁଙ୍କର ପ୍ରେମ ସମ୍ପର୍କ ବିବାହର ରୂପ ନେବା ପରେ ଏଭଳି ଘଟଣା ନିଶ୍ଚୟ ସମସ୍ତଙ୍କୁ ଚକିତ କରିଦେବ। ମ୍ୟାରେଜ ପରେ ଦୀପିକା ପ୍ରେମରେ ପଡ଼ିବା କଥା ସତ ହେଲେ ସେ କାହା ପ୍ରେମରେ ପଡ଼ିଛନ୍ତି ତାହା ପ୍ରଥମେ ଜାଣନ୍ତୁ ନା ! ଦୀପିକା ବର୍ତ୍ତମାନ ଟ୍ରାଡିଶନାଲ ଫ୍ୟାଶନ ପ୍ରେମରେ ପଡିଯାଇଛନ୍ତି। ବାହାଘର ପୂର୍ବରୁ ନାନ୍ଦୀପୂଜା, ମେହେନ୍ଦି ହେଉକି ବାହାଘର ଏବଂ ବାହାଘର ପରର ସବୁ ଉତ୍ସବରେ ଦୀପିକା ପାରମ୍ପରିକ ଶାଢୀ, ଲେହେଙ୍ଗା ଓ ସାଲୱାର କମିଜ୍‌ରେ ଦେଖିବାକୁ ମିଳୁଛନ୍ତି। ସେଥିରେ ପୁଣି ସିନ୍ଥାଭର୍ତ୍ତି ସିନ୍ଦୂର। ସବୁଠି ଏବେ ଦୀପ୍‌ବୀର୍‌ଙ୍କ ରୟାଲ ଲୁକ୍ ଆଉ ଏକାଭଳି ପିନ୍ଧିବାକୁ ନେଇ ଚର୍ଚ୍ଚା।

# ହୃତିକଙ୍କ ବେଷ୍ଟ ଫ୍ରେଣ୍ଡ


ହୃତିକ

ହୃତିକ ରୋଶନଙ୍କ ବେଷ୍ଟ ଫ୍ରେଣ୍ଡ କିଏ ? ଆରେ, ଏ କଥା ଆମେ କେମିତି କହିବା ? ତାହାର ଠିକ୍ ଉତ୍ତର ସେ ହିଁ ଦେଇପାରିବେ। ଯେ କେହି ମଧ୍ୟ ଏହାର ଉତ୍ତର କ'ଣ ବୋଲି ଜାଣିବାକୁ ନିଶ୍ଚୟ ଆଗ୍ରହ ପ୍ରକାଶ କରିବେ। ନିକଟରେ ସୋସିଆଲ ମିଡିଆରେ ହୃତିକ ତାଙ୍କର ବେଷ୍ଟ ଫ୍ରେଣ୍ଡଙ୍କ ସହ ଫଟୋ ପୋଷ୍ଟ କରିଛନ୍ତି। ସେ ଆଉ କେହି ନୁହନ୍ତି, ସେ ହେଲେ ତାଙ୍କର ପୂର୍ବତନ ପତ୍ନୀ ସୁଜେନ ଖାଁ। ଏ ସମ୍ପର୍କରେ ସେ କହନ୍ତି, 'ମୋର ବେଷ୍ଟ ଫ୍ରେଣ୍ଡ ହେଉଛନ୍ତି ମୋର ଏକ୍ସ-ୱାଇଫ। ଏବେ ଆମ ଦୁହିଁଙ୍କ ଭିତରେ ଡିଭୋର୍ସ ହୋଇଛି ସତ, ହେଲେ ମୋ ମନ ଭିତରେ ସେ ସେମିତି ରହିଛନ୍ତି। ସେ ସବୁଦିନ ପାଇଁ ମୋର ବେଷ୍ଟ ଫ୍ରେଣ୍ଡ ହୋଇ ରହିଥିବେ। ସୁଜେନଙ୍କୁ ବିବାହ କରିବା ପରେ ଦୀର୍ଘ ୧୪ବର୍ଷ ପର୍ଯ୍ୟନ୍ତ ଦୁହିଁଙ୍କର ବୈବାହିକ ଜୀବନ ବେଶ୍ ସୁରୁଖୁରୁରେ ଚାଲିଥିଲା। ହେଲେ ୨୦୧୩ରେ ଦୁହେଁ ଡିଭୋର୍ସ ନେବାକୁ ସ୍ଥିର କରିଥିଲେ ଏବଂ ଏବେ ଦୁହେଁ ଆଇନ ସମ୍ମତ ଅଲଗା ରହୁଛନ୍ତି।

# ଆଇଟମ୍ ନମ୍ବର ପାଇଁ ଟେନ୍‌ସନ୍

ତାପସୀ ପାନ୍ନୁ ଏବେ ଦୋଛକିରେ ପଡିଯାଇଛନ୍ତି। ଏଥିପାଇଁ କିଏ ଦାୟୀ ଜାଣନ୍ତି ? ଆଇଟମ୍ ନମ୍ବର। କଥା କ'ଣ କି ନର୍ମିତ ହେବାକୁ ଯାଉଥିବା ଏକ ତାମିଲ ସିନେମାରେ ସେ ଅଭିନୟ କରିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି। ହେଲେ ପରବର୍ତ୍ତୀ ସମୟରେ ଏଥିରେ ଏକ ଆଇଟମ୍ ନମ୍ବର ରହିବ ବୋଲି ପ୍ରଯୋଜକ ସ୍ଥିର କରିଛନ୍ତି। ପୁଣି ଏଥିରେ ତମନ୍ନା ହିଁ ନାଚିବେ ବୋଲି ଜଣାଇ ଦେଇଛନ୍ତି। ହେଲେ ହଠାତ ଏପରି ଏକ ଗୀତରେ ନାଚିବାକୁ ସେ ତୟାର ନାହାନ୍ତି। କାରଣ ଏଥିରେ ତାଙ୍କୁ ବେଶ୍ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡିବ। ଆଇଟମ ନମ୍ବର କଥା ଛାଡନ୍ତୁ, ବୋଲ୍ଡ ଶଟ୍ କଥା ଶୁଣିବା ପରେ ସତେ ଯେମିତି ତାପସୀଙ୍କ ହୋସ୍ ଉଡିଯାଇଛି। ଯଦି ଏହି ଆଇଟମ ନମ୍ବରରୁ ତାଙ୍କୁ ବାଦ୍ ଦିଆ ନ ଯାଏ ତେବେ ଆବଶ୍ୟକ ପଡିଲେ ଏଥିରେ ଆକ୍ଟିଂ କରିବାକୁ ମନା କରିଦେବେ ବୋଲି ତାଙ୍କର ଜଣେ ସାଙ୍ଗ ସୂଚନା ଦେଇଛନ୍ତି। ହେଲେ ଏହି ଫିଲ୍ମକୁ ନେଇ ନୀରବତା ଅବଲମ୍ବନ କରୁଛନ୍ତି ତାପସୀ। ଦେଖାଯାଉ, କେଉଁ ପାଣି କୁଆଡେ ଯାଉଛି।


ତାପସୀ

# ଚ୍ୟାଲେଞ୍ଜ ଦେବେ ପ୍ରୀତି


ପ୍ରୀତି-କପିଲ

କମେଡିଆନ କପିଲ ଶର୍ମାଙ୍କ ପୂର୍ବତନ ପ୍ରେମିକା ପ୍ରୀତି ସିମୋଇସ ଏବେ ଚର୍ଚ୍ଚାରେ। ବର୍ତ୍ତମାନ ନିଜ ଭଉଣୀ ନୀତିଙ୍କ ସହ ମିଶି ସେ ଏକ କମେଡି ରିୟାଲିଟି ଶୋ' ପ୍ରଯୋଜନା କରୁଛନ୍ତି। ଏହାର ଟାଇଟଲ ରହିଛି 'କାନପୁରୱାଲେ ଖୁରାନାଜ'। ଖାସ୍ କଥା ହେଲା ଏଥିରେ ପୂର୍ବରୁ କପିଲଙ୍କ ଅତି ନିକଟତର ଥିବା ଏବଂ ତାଙ୍କ କମେଡି ଶୋ'ରେ ଅଭିନୟ କରିଥିବା ସୁନୀଲ ଗ୍ରୋଭର, ଅଲ୍ଲୀ ଅସଗର ଏବଂ ଉପାସନା ସିଂ ଉକ୍ତ ନୂଆ ଧାରାବାହିକରେ ଅଭିନୟ କରିବାକୁ ଯାଉଛନ୍ତି। ଏ ସମ୍ପର୍କରେ ପ୍ରୀତି କହନ୍ତି, 'କପିଲଙ୍କ ଶୋ'କୁ ଚ୍ୟାଲେଞ୍ଜ ଦେବାକୁ ମୁଁ ଏହା ପ୍ରସ୍ତୁତ କରିଛି ବୋଲି ଆଲୋଚନା ହେଉଛି। ଏକ୍ଷେତ୍ରରେ ମୁଁ କିଛି କହିବି ନାହିଁ। ଦର୍ଶକ ଯାହାକୁ ଗ୍ରହଣ କଲେ ସେହି ଶୋ' ହିଁ ହିଟ୍। ମୋ ଶୋ'ରେ ଫୁଲ୍ କମେଡି ଟଚ୍ ରହିଛି, ଯାହା ଦର୍ଶକଙ୍କୁ ଭରପୂର ଏଣ୍ଟରଟେନମେଣ୍ଟ ଦେବ ବୋଲି ଆଶା ରହିଛି। ତେବେ ଏହି ଲଢ଼େଇରେ କପିଲ ନା ତାଙ୍କର ପୂର୍ବତନ ପ୍ରେମିକା ବାଜି ମାରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ମିଳିଗଲା ଡ୍ରିମ୍ ରୋଲ

ଅଭିନେତା ଦୀପକଙ୍କ ଖୁସି କହିଲେ ନ ସରେ। କାରଣ ସେ ଯେଉଁଭଳି ଭୂମିକା ଚାହୁଁଥିଲେ ତାହା ତାଙ୍କୁ ମିଳିଯାଇଛି। ହଁ, ଦୀପକଙ୍କୁ ଏପରି ରୋଲ୍‌ରେ ଦେଖିବାକୁ ମିଳିବ ନିର୍ମାଣାଧୀନ ଓଡ଼ିଆ ଚଳଚ୍ଚିତ୍ର 'ଜୋର୍ କା ଝଟକା'ରେ। ଲଭ୍, ଇମୋଶନ ଏବଂ କମେଡିଭିତ୍ତିକ କାହାଣୀକୁ ନେଇ ଏହି ଫିଲ୍ମଟି ପ୍ରସ୍ତୁତ ହେଉଛି। ଏଥିରେ ସ୍ୱୟମ୍ ନାମକ ଜଣେ ବିନ୍‌ଦାସ ଯୁବକଙ୍କର ହଠାତ୍ ଜଣେ ସୁନ୍ଦରୀ ସହ ଭେଟ ହେଉଛି ଏବଂ ସେହି ପ୍ରଥମ ଦେଖାରେ ହିଁ ଦୁହେଁ ପ୍ରେମ ଜାଲରେ ବାନ୍ଧି ହୋଇଯାଇଛନ୍ତି। ବାସ୍ ତା'ପରେ କ'ଣ ହେଉଛି ତାହା ସିନେମାରେ ଦେଖିବାକୁ ମିଳିବ। ଏପରି ଭୂମିକା ବିଷୟରେ ଦୀପକ କହନ୍ତି, 'ସବୁ ଦୃଷ୍ଟିରୁ ଏହି ଭୂମିକା ମୋତେ ପ୍ରଭାବିତ କରିଛି। ଏହା ହେଉଛି ମୋର ଡ୍ରିମ୍ ରୋଲ୍, ଯେଉଁଥିରେ ସବୁ ପ୍ରକାର ମସଲା ରହିଛି।' ରବୀନ୍ଦ୍ର ପଣ୍ଡାଙ୍କ ନିବେଦିତ ତଥା ଏକ୍ସସେଲ ମୁଭିଜ ଏବଂ ଶିବାନୀ ଫିଲ୍ମସ ବ୍ୟାନରରେ ଏହି ଫିଲ୍ମକୁ ପ୍ରଯୋଜନା କରିଛନ୍ତି ଅଶୋକ ବେହେରା। ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳୁଛନ୍ତି ପିନୁ ନାୟକ। ଦୀପକଙ୍କ ଅପୋଜିଟ୍‌ରେ ପିଙ୍କି ପ୍ରିୟଦର୍ଶିନୀ ନାୟିକା ସାଜିଥିବା ବେଳେ ଶ୍ରୀତମ୍ ଦାସ, ମିହିର ଦାସ, ପ୍ରତିଭା ପଣ୍ଡା, ହରିହର ମହାପାତ୍ର, ପ୍ରଜ୍ଞା ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ। ଡ. ନିର୍ମଳ ନାୟକ ସଂଳାପ ରଚନା କରିଛନ୍ତି ଏବଂ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର।


ଦୀପକ

# ଅପେକ୍ଷାର ଫଳ ମିଠା

ସତରେ ଅପେକ୍ଷାର ଫଳ ମିଠା। ହେଲେ ଏଥିପାଇଁ ଧୈର୍ଯ୍ୟର ସହ ଅପେକ୍ଷା କରିପାରିଲେ ହେଲା। ଦେଖୁନାହାନ୍ତି, ନିଜର ଆଶା ପୂରଣ ପାଇଁ କଙ୍ଗନା କେମିତି ସେହି ଅପେକ୍ଷାକୁ ଚ୍ୟାଲେଞ୍ଜ ଭାବରେ ନେଇଛନ୍ତି। ଏ ବିଷୟରେ କଙ୍ଗନା କହନ୍ତି, 'ମୋର ଆଶା ସେମିତି କିଛି ବିଶାଳ ନୁହେଁ। 'ମଣିକର୍ଣ୍ଣିକା : ଦ କୁଇନ୍ ଅଫ ଝାନ୍‌ସୀ'ର ଟାଇଟଲ ଭୂମିକାରେ ମୁଁ ଅଭିନୟ କରୁଛି। ଏଥିପାଇଁ ମୁଁ ବେଶ୍ ପରିଶ୍ରମ ମଧ୍ୟ କରିଛି। କେବଳ ସେତିକି ନୁହେଁ, ଏପରି ଏକ ଐତିହାସିକ କଥାବସ୍ତୁକୁ ବେଶ୍ ସୁନ୍ଦର ଭାବରେ ଉପସ୍ଥାପନା କରାଯାଇଛି। ତେଣୁ ଫିଲ୍ମଟି ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ ବୋଲି ମୋର ଶତ ପ୍ରତିଶତ ବିଶ୍ୱାସ ରହିଛି। ଏହି ଫିଲ୍ମର ଶୁଟିଂ ସମୟରେ ମୁଁ ଭାରତର ପ୍ରାଚୀନ ପରମ୍ପରା ଦ୍ୱାରା ବେଶ୍ ପ୍ରଭାବିତ ହୋଇଛି। ତେଣୁ ମୁଁ ଅଧିକାଂଶ ସମୟରେ ଟ୍ରାଡିସନାଲ ଗେଟଅପରେ ରହୁଛି। ଯେହେତୁ ଏହି ଫିଲ୍ମର ସଫଳତାକୁ ନେଇ ଆଶାବାଦୀ ରହିଛି ତେଣୁ ଏଥିପାଇଁ ଅପେକ୍ଷା କରିବାକୁ ମୋର ଯଥେଷ୍ଟ ଧୈର୍ଯ୍ୟ ରହିଛି।' ଏହି ଫିଲ୍ମ ବ୍ୟତୀତ କଙ୍ଗନା 'ମେଣ୍ଟାଲ ହୈ କ୍ୟା'ରେ ମଧ୍ୟ ଅଭିନୟ କରୁଛନ୍ତି। ଏଥିରେ ତାଙ୍କ ଅପୋଜିଟ୍‌ରେ ରାଜ କୁମାର ରାଓ ଅଛନ୍ତି।


କଙ୍ଗନା

ପ୍ରଥମ ରୋଜଗାର

# ପ୍ରଥମ ରୋଜଗାରରେ ବହି କିଣିଥିଲି

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ୍ ମାଲୁଦ ପଞ୍ଚାୟତ ଅନ୍ତର୍ଗତ ବଳରାମପୁର ଗାଁରେ ମୋ ଜନ୍ମ। ସ୍ଥାନୀୟ ଗିଲିନାସୀ ଉଚ୍ଚ ବିଦ୍ୟାଳୟରୁ ୨୦୦୬ରେ ମାଟ୍ରିକ୍ ପାସ୍ କରି କଣ୍ଡାଖାଇ କଲେଜରେ ଯୁକ୍ତ ଦୁଇ ଓ ଏସ୍‌ସିଏସ୍ କଲେଜରେ କମ୍ପ୍ୟୁଟର ସାଇନ୍ସରେ ଯୁକ୍ତ ତିନି ପଢ଼ିଥିଲି। ଏହାପରେ କଟକସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଇନ୍‌ଫର୍ମେଶନ ଟେକ୍ନୋଲୋଜିରେ ଏମ୍‌ସିଏ କଲି। ତା'ପରେ ବ୍ୟାଙ୍କିଙ୍ଗ୍ କୋଚିଂ ନେଇ ଏବେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ଦେଉଛି। ତେବେ ସ୍କୁଲ ପଢ଼ାବେଳେ ପେଣ୍ଟିଂ କରୁଥିଲି। ଏପରିକି ଆମ ଗାଁରେ ହେଉଥିବା ପଞ୍ଚୁଦୋଳ ମେଳଣ ସମୟରେ ମେଢ଼ କରିବା କାର୍ଯ୍ୟରେ ବାପାଙ୍କୁ ସାହାଯ୍ୟ କରୁଥିଲି ଆଉ ଏବେ ବି କରୁଛି। ହେଲେ ଯୁକ୍ତ ଦୁଇ ପଢ଼ାବେଳେ କବିତା ଲେଖିଲି। 'ପ୍ରିୟା' ଥିଲା ମୋର ପ୍ରଥମ କବିତା। କବିତା ଲେଖୁଲେଖୁ କ୍ରମେ ଗୀତ ଲେଖିବା ଆରମ୍ଭ କଲି। 'ତମ ପାଇଁ ପ୍ରିୟା ସ୍ୱପ୍ନ ଦେଖିବା ମୋ ଭାଗ୍ୟରେ ନାହିଁ, ତମ ସାଥେ ପ୍ରିୟା ବାଟ ଚାଲିବା ମୋ ଭାଗ୍ୟରେ ନାହିଁ..' ଥିଲା ମୋର ପ୍ରଥମ ଗୀତ। ଏମିତି ପ୍ରାୟ ୧୦/୧୨ଟି କରୁଣ ସଙ୍ଗୀତ ଲେଖିବା ପରେ ସଙ୍ଗୀତ ନିର୍ଦ୍ଦେଶକ ମାନସ କୁମାରଙ୍କ ସଂସ୍ପର୍ଶରେ ଆସିଲି। ମୋ ଗୀତଗୁଡ଼ିକ ତାଙ୍କର ପସନ୍ଦ ଆସିଲା। ସେ ମୋତେ ଏକ କ୍ୟାସେଟ୍‌ର ଟାଇଟଲ ଗୀତ ଲେଖିବାର ସୁଯୋଗ ଦେଲେ। ଉକ୍ତ କ୍ୟାସେଟ୍‌ଟି ଥିଲା 'ମନ ଖୋଜେ ସାଥୀ', ଯାହାର ଟାଇଟଲ ଗୀତ ହେଉଛି 'ସାତଜନ୍ମ ପାଇଁ ରହିଥିବ ଏ ପ୍ରେମ, ଆସୁ ପଛେ ଯେତେ ଝଡ଼ ମିଶୁଥିବ ଏ ମନ..'। ଏହାପରେ ପୁଣି ଆଉ ଏକ କ୍ୟାସେଟ୍ 'କୁଆଁରୀ ହୃଦୟ' ପାଇଁ ୮ଟି ଗୀତ ଲେଖିବାର ସୁଯୋଗ ମିଳିଲା। କିନ୍ତୁ ଏଥିପାଇଁ ମୋତେ କୌଣସି ପାରିଶ୍ରମିକ ମିଳି ନ ଥିଲା। ହେଲେ ପରବର୍ତ୍ତୀ କ୍ୟାସେଟ୍ 'ମେଲୋଡି କୁଇନ୍' ପାଇଁ ଦୁଇଟି ଗୀତ ଲେଖି ପ୍ରଥମ ଥର ପାଇଁ ହଜାର ଟଙ୍କା ରୋଜଗାର କଲି। ଏହି ସମୟରେ ଏମ୍‌ସିଏ କରୁଥାଏ। ତେଣୁ ସେହି ଟଙ୍କାରେ ସି' ପ୍ରୋଗ୍ରାମିଂର ଏକ ବହି କିଣିଥିଲି। ଏହାପରେ ଲଗାତର ଅଫର୍ ମିଳି ଚାଲିଲା। 'ତୁମ ବିନା', 'କରିଛି ଘାଇଲା', 'ହେ ପ୍ରିୟା' ପରି ପ୍ରାୟ ୧୦/୧୫ଟି ଆଧୁନିକ କ୍ୟାସେଟ୍ ପାଇଁ ପାଖାପାଖି ୫୦/୬୦ଟି ଗୀତ ଏବଂ 'ଉଠ ହେ ଜଗନ୍ନାଥ', 'ଗୋରେଖନାଥ', 'ଜଗତ୍‌ଜନନୀ', 'ମା' ଦୁର୍ଗା' ପରି ପ୍ରାୟ ୮/୧୦ ଭଜନ କ୍ୟାସେଟ୍ ପାଇଁ ପାଖାପାଖି ୪୦ରୁ ଉର୍ଦ୍ଧ୍ୱ ଭଜନ ତଥା ଗୋଟିଏ ସମ୍ବଲପୁରୀ କ୍ୟାସେଟ୍ 'ଫୁଲବାଣୀ ଟୋକା' ପାଇଁ ୪ଟି ଗୀତ ଲେଖିଥିଲି। ଏମିତିରେ ୨୦୧୩ରେ 'ଆଖି ଛୁଉଁଛି ଭଲ ପାଉଛି' ନାମକ ଏକ ଚଳଚ୍ଚିତ୍ରର ଟାଇଟଲ ଗୀତ ଲେଖିବାର ଅଫର୍ ପାଇଲି। ଗୀତଟି ହେଲା 'ଆଖି ତଳେ ଅଛି ମୋର ସପନର ଗାଁ, ସେଇ ଗାଁରେ ଘରତୋଳି ଲେଖିଛି ତୋ ନାଁ, ତୋ ନାଁରେ ମୋ ଜୀବନ ଯୋଡ଼ି ଦେଇଛି, ଆଖି ଛୁଉଁଛି ଭଲ ପାଉଛି'। ଏହି ଗୀତଟି ବେଶ୍ ଲୋକପ୍ରିୟତା ପାଇଲା। ଏହାପରେ ଆଉ ଏକ ଚଳଚ୍ଚିତ୍ର 'ତୋ ପ୍ରେମ ମୋ ଜୀବନ'ପାଇଁ ବି ଗୋଟିଏ ଗୀତ ଲେଖିଥିଲି। ତା'ପରେ ମୋତେ କେତୋଟି ଧାରାବାହିକର ସ୍କ୍ରିପ୍ଟ ଲେଖିବାର ଅଫର ମିଳିଲା। ପ୍ରାୟ ୨/୩ଟି ଧାରାବାହିକର ସ୍କ୍ରିପ୍ଟ ଲେଖିବା ପରେ ପୁଣି ଏକ ଚଳଚ୍ଚିତ୍ର 'ମୋ ମନରେ ତୁ' ପାଇଁ ୫ଟି ଗୀତ ଲେଖିବା ସହ ଏହାର କାହାଣୀ ଓ ସଂଳାପ ମଧ୍ୟ ଲେଖିଥିଲି। ଏହାପରେ ଯେବେ ୟୁ-ଟ୍ୟୁବ୍‌ର ମାର୍କେଟ୍ ଆସିଲା, ଏଥିପାଇଁ ବି ଅନେକ ଗୀତ ଲେଖିଲି। ୟା' ଭିତରେ ମୋର ପ୍ରାୟ ୩୦ରୁ ଉର୍ଦ୍ଧ୍ୱ କରୁଣ ସଙ୍ଗୀତ, ୧୫ରୁ ଉର୍ଦ୍ଧ୍ୱ ପ୍ରେମ ଗୀତ ତଥା ୧୫ରୁ ଉର୍ଦ୍ଧ୍ୱ କମର୍ସିଆଲ ଗୀତ ତଥା କେତୋଟି ଭଜନ ୟୁ-ଟ୍ୟୁବ୍‌ରେ ପ୍ରସାରିତ ହୋଇସାରିଲାଣି। ତନ୍ମଧ୍ୟରୁ 'ହଉ ହଉ ପ୍ରେମ ହେଇଗଲା', 'ତୋ କଥା ମନେପଡୁଛି', 'ତମର ହୃଦୟ ନାହିଁ', 'ତୋ ବାଟରେ ଯଦି କଣ୍ଟା ଥିଲି', 'ଏ ମନ ମୋ ମନ(ଫିମେଲ୍ ଭର୍ସନ)', 'ଆ କରିବା ଅନୁକୂଳ', 'ତୁ ସିନ୍ଦୂର ପିନ୍ଧିଲାବେଳେ', 'ତମ ଚାହାଣି ଭିତରେ ଲକ୍ଷେ କାହାଣୀ', 'ତୁ ମେରା ଇସ୍କ ହେ', 'ତୁ ମେରା ପଗ୍‌ଲା ହିରୋ ପ୍ୟାରବାଲା', 'ଦିଲ୍ ହେଲା ଦିୱାନା', 'ବଇଁଶୀ ଗାଉଛି ରାଧା ରାଧା', 'ସିନ୍ଦୂରରାଣୀ', 'ତୋ ମନରେ ଥିଲା ଯଦି ଆଉ ଲୋ କେହି', 'କେମିତି ଭୁଲିବି ସେ ଅଭୁଲା ଦିନ', 'ମନ ଦେଇ ଭଲ ତୋତେ ପାଉଥିଲି ମୁଁ', 'ରୋମିଓ ପିଲା' ଇତ୍ୟାଦି ଲୋକପ୍ରିୟ ଗୀତ ହେଉଛି ଅନ୍ୟତମ। ତେବେ ବର୍ତ୍ତମାନ ସୁଦ୍ଧା ମାନସ କୁମାର, ଲଳିତ୍ କୁମାର, ଜାପାନୀ, ବିଭୂତି ଭୂଷଣ ଗଡ଼ନାୟକ, ଏସ୍. ଚନ୍ଦ୍ରକାନ୍ତ ପ୍ରମୁଖ ସଙ୍ଗୀତ ନିର୍ଦ୍ଦେଶକ ତଥା ହ୍ୟୁମାନ୍ ସାଗର, କୁମାର ବାପି, ସତ୍ୟଜିତ୍, ଅଭିଜିତ୍ ମଜୁମଦାର, ଦୀପ୍ତିରେଖା, ଅସୀମା ପଣ୍ଡା, ଅମ୍ରିତା ନାୟକ ପ୍ରମୁଖ ଲୋକପ୍ରିୟ କଣ୍ଠଶିଳ୍ପୀଙ୍କ ସହିତ କାମ କରିବାର ସୌଭାଗ୍ୟ ପାଇସାରିଲିଣି। ଆଗକୁ ବି ଯଦି ଭଗବାନଙ୍କର ଆଶୀର୍ବାଦ ଆଉ ଶ୍ରୋତାମାନଙ୍କର ଭଲ ପାଇବା ଏମିତି ରହେ, ତା'ହେଲେ ଜଣେ ଭଲ ଗୀତିକାର ହୋଇ ସମସ୍ତଙ୍କ ହୃଦୟରେ ଘର କରିବାକୁ ଚେଷ୍ଟା ଜାରି ରଖିବି।



ଗୀତିକାର ସୁନୀଲ ମହାରଣା ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ବାଙ୍କ ଚାହାଣିରେ ଦେଉଛି ହାଣି, ସେଥିରେ ଲୁଚିଛି ମନ କାହାଣୀ...

**ପ୍ରଶ୍ନ**-ଜଣେ ଝିଅ ମତେ କଣେଇ କଣେଇ ଚାହୁଁଛି। ତାହାର ମତିଗତି କ'ଣ ମୁଁ ଜାଣିପାରୁନାହିଁ। କ'ଣ କରିବି ?

*-ପ୍ରତ୍ୟୁଷ କୁମାର, ବ୍ରହ୍ମପୁର*

**ଉତ୍ତରः** ସେହି କଣେଇ କଣେଇ ଚାହିଁବା ପଛରେ ଅନେକ କଥା ଲୁଚି ରହିଛି। ତାକୁ ଥଣ୍ଡା ମିଜାଜ୍‌ରେ ପଢ଼ିବାକୁ ଚେଷ୍ଟା କରନ୍ତୁ। କଥାରେ ଅଛି- ସମଝନେୱାଲେକୋ ଇସାରା କାଫି ହୈ। ତେଣୁ ସେହି ବାଙ୍କ ଚାହାଣିରେ ନିଜ ପ୍ରେମର ସୂଚନାକୁ ବୁଝିପାରିଲେ ହେଲା। କାରଣ 'ବାଙ୍କ ଚାହାଣିରେ ଦେଉଛି ହାଣି, ସେଥିରେ ଲୁଚିଛି ମନ କାହାଣୀ'।

**ପ୍ରଶ୍ନ**-ଆଜିର ସମାଜରେ କେତେଜଣ ପ୍ରେମିକାପ୍ରେମିକଙ୍କ ମଧ୍ୟରେ କଥା ଦିଆନିଆ ପାଣିର ଗାର ସଦୃଶ। ଏପରି କାହିଁକି ହୁଏ ?

*-ପ୍ରମୋଦ ଦଳାଇ, କୋରକୋରା, କଟକ*

**ଉତ୍ତରः** ବେଳେବେଳେ ପରିସ୍ଥିତି, ସମୟ ଏପରି କରିବାକୁ ବାଧ୍ୟ କରେ। ଅନେକ ସମୟରେ ଦମ୍ ନ ଥିବା ପ୍ରେମରେ ପ୍ରତିଶ୍ରୁତି ଅଦିନିଆ ମେଘ ପାଲଟି କୁଆଡ଼େ ଉଭେଇଯାଏ ଯେ ତାହାର କିଛି ପତ୍ତା ନ ଥାଏ। ତେଣୁ କଥା ଦିଆନିଆ ଠିକ୍ ରହିଲେ ପ୍ରେମର ବାଟ ସବୁବେଳେ ପରିଷ୍କାର ରହିଥାଏ।

**ପ୍ରଶ୍ନ**-ପ୍ରକୃତ ପ୍ରେମ କ'ଣ ଭଲ ପାଇ ବାହା ହେବା କି ?

*-ସାରଥି ମଲ୍ଲିକ,ଅମରପାଲି, ବୀରମହାରାଜପୁର,ସୋନପୁର*

**ଉତ୍ତରः** ଯଦି ପ୍ରକୃତ ପ୍ରେମ କରି ଘର ସଂସାର କଲେ ତେବେ କ୍ଷତି କ'ଣ ? ହେଲେ ପ୍ରେମ ରାସ୍ତାରେ ଠିକ୍ ଭାବରେ ପାଦ ପକାଇ ଶେଷ ପର୍ଯ୍ୟନ୍ତ ଚାଲିପାରିଲେ ହେଲା। ନ ହେଲେ ସେହି ରାସ୍ତାରେ ହଜାରେ ଥର ଝୁଣ୍ଟିଲେ ସେଥିରେ ସଫଳ ହେବାର ଆଶା କମ୍ ଥାଏ। ତେଣୁ ପ୍ରେମରେ କିପରି ବାସ୍ତବତା ଭରି ରହିବ ସେ ନେଇ ନଜର ଦିଅନ୍ତୁ ଆଉ ସେହି ପ୍ରେମକୁ କେବେ ପାଣିଚିଆ ହେବାକୁ ଦିଅନ୍ତୁ ନାହିଁ।

**ପ୍ରଶ୍ନ**-ଯଦି ଜଣେ ଝିଅ ସହ ପୁଅ କଥା ହୁଏ ତେବେ ତାହାକୁ ଅନେକେ ପ୍ରେମ ବୋଲି ଭାବନ୍ତି କାହିଁକି ?

*-ତାପସ ସାହୁ, ପୁରୀ*

**ଉତ୍ତରः** କାହାର ଭାବନାକୁ ନେଇ ଚିନ୍ତା କରିବା କେତେଦୂର ଠିକ୍ ପ୍ରଥମେ ଭାବିବା ଦରକାର। କଥାବାର୍ତ୍ତାର ଶୈଳୀ ଏବଂ ଅଙ୍ଗଭଙ୍ଗୀରୁ ପ୍ରେମର ଆଭାସ ମିଳିଥାଏ। ତେଣୁ ତାକୁ ନେଇ ଅଯଥା ଚିନ୍ତା କରିବା ଠିକ୍ ନୁହେଁ। କେହି କେହି ସେମାନଙ୍କୁ ଏ ଦିଗରେ ଉତ୍ସାହିତ କରିଥାଆନ୍ତି ତ କେତେକେ ସେମାନଙ୍କ ଗୋଡ଼କୁ ପଛକୁ ଟାଣନ୍ତି। ହେଲେ ସେଭଳି ମାନସିକତା ଭିତରେ ରହିବା କେତେ ଠିକ୍ ନିଜେ ଚିନ୍ତା କରନ୍ତୁ ନା !



# ଫନି ଊ୍ଵିଣ୍ଟର କ୍ୟାପ୍















**ଶୀତଦିନ ଆସିଲେ ଶୀତବସ୍ତ୍ରର ଚାହିଦା ବେଶ୍ ବଢ଼ିଯାଏ। ଆଉ ଏହି ଚାହିଦାକୁ ଦେଖି ମାର୍କେଟ୍‌କୁ ପ୍ରତିବର୍ଷ କିଛି ନା କିଛି ନୂଆ ଡିଜାଇନର ଶୀତବସ୍ତ୍ର ଆସିଥାଏ। ତେଣିକି ସେ ସ୍ୱେଟର ହେଉ ଅବା ଊ୍ଵିଣ୍ଟର କୋଟ୍, ଜ୍ୟାକେଟ୍, ସ୍କାର୍ଫ କିମ୍ବା ଊ୍ଵିଣ୍ଟର କ୍ୟାପ୍ ଇତ୍ୟାଦି। କିନ୍ତୁ ବେଳେବେଳେ ଏମିତି କିଛି ଡିଜାଇନର ଶୀତବସ୍ତ୍ର ଆସେ, ଯାହା ଲାଗେ ଖୁବ୍ ଅଜବ। ତେଣୁ ଏଠାରେ ସେମିତି କିଛି ଫନି ଊ୍ଵିଣ୍ଟର କ୍ୟାପ୍ ସମ୍ପର୍କରେ ଉଲ୍ଲେଖ କରାଗଲା...**

**କ୍ରିସ୍‌ମାସ୍ ଟ୍ରି କ୍ୟାପ୍:** କ୍ରିସ୍‌ମାସ୍ ସମୟରେ ଚାରିଆଡ଼େ ଆଲୋକମାଳା ସହ କ୍ରିସ୍‌ମାସ୍ ଟ୍ରିକୁ ସଜାଇ ଦେଶବାସୀ ବେଶ୍ ଆନନ୍ଦ ଉଲ୍ଲାସରେ ଏହାକୁ ପାଳନ କରିଥାନ୍ତି। ଏବେ ଏହି କ୍ରିସ୍‌ମାସ୍ ଟ୍ରି ଥିମ୍‌ର ଊ୍ଵିଣ୍ଟର କ୍ୟାପ୍ ମାର୍କେଟ୍‌ରେ ବେଶ୍ ଚାଲିଛି। ଖାସ୍‌କରି ଏହି ସମୟରେ ଅଧିକାଂଶ ଉକ୍ତ କ୍ୟାପ୍ ପିନ୍ଧିବାକୁ ପସନ୍ଦ କରିଥାନ୍ତି।

**ବର୍ଗର୍ କ୍ୟାପ୍:** ବର୍ଗର୍ ଖାଇବାକୁ ଭଲ ପାଉଥିବା ବ୍ୟକ୍ତିଙ୍କ ପାଇଁ ଗୋଟେ ଖୁସି ଖବର। ସେମାନଙ୍କର ପ୍ରିୟ ଡିସ୍ ବା ବର୍ଗର୍ ଡିଜାଇନର ଊ୍ଵିଣ୍ଟର କ୍ୟାପ୍ ବି ଏବେ ମାର୍କେଟ୍‌ରେ ମିଳିଲାଣି। ଏହା ଦେଖିବାକୁ ସିନା ଫନି ଲାଗେ, କିନ୍ତୁ ଏହାକୁ ପିନ୍ଧିଲେ ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ ହୋଇଥାଏ।

**ଡେଥ୍ ମାସ୍କ/କ୍ୟାପ୍:** ଏହି କ୍ୟାପ୍‌ଟିକୁ ପିନ୍ଧିଲେ ହଠାତ୍ ଜଣେ ଚମକି ପଡ଼ିବା ସ୍ୱାଭାବିକ। କାରଣ ଏହାର ଡିଜାଇନ ହିଁ ସେମିତି ହୋଇଛି। ଖପୁରି ଡିଜାଇନର ହୋଇଥିବା ଏହି କ୍ୟାପ୍‌କୁ ପିନ୍ଧିଲେ କେବଳ ଆଖି ଦୁଇଟିକୁ ଛାଡ଼ି ମୁହଁର ବାକି ଅଂଶତକ ସମ୍ପୂର୍ଣ୍ଣ ଘୋଡେଇ ହୋଇ ରହିଥାଏ। ଫଳରେ ଶୀତଦିନେ ବେଶି ଶୀତ ଲାଗେ ନାହିଁ।

**ଅକ୍ଟୋପସ୍ ଊ୍ଵିଣ୍ଟର କ୍ୟାପ୍:** ଏହି କ୍ୟାପ୍‌ଟି ଅକ୍ଟୋପସ୍ ଡିଜାଇନ୍‌ର ହୋଇଥିବାରୁ ଦେଖିବାକୁ ବେଶ୍ ଅଜବ ଲାଗେ। କିନ୍ତୁ ଏହାର ଡିଜାଇନ ହିଁ ଏହାକୁ ଖାସ୍ ଲୁକ୍ ଦେଇଥାଏ। ବିଶେଷକରି ବରଫାଞ୍ଚଳରେ ସ୍କିଂ କରୁଥିବା ଲୋକମାନେ ଏହିଭଳି ଫନି ଡିଜାଇନ୍‌ର ଊ୍ଵିଣ୍ଟର କ୍ୟାପ୍ ପିନ୍ଧିବାକୁ ବେଶ୍ ପସନ୍ଦ କରିଥାନ୍ତି।

**ହେଲ୍‌ମେଟ୍ କ୍ୟାପ୍:** ଗାଡ଼ି ଚଳାଇବା ସମୟରେ ମୁଣ୍ଡକୁ ସୁରକ୍ଷା ଦେବା ପାଇଁ ପ୍ରାୟତଃ ସମସ୍ତେ ହେଲ୍‌ମେଟ୍ ବ୍ୟବହାର କରିଥାନ୍ତି। ସେହିପରି ଶୀତଦିନେ ଥଣ୍ଡାରୁ ରକ୍ଷାପାଇବା ପାଇଁ ଅନେକେ କ୍ୟାପ୍ ପିନ୍ଧିଥାନ୍ତି। ତେଣୁ ମୁଣ୍ଡକୁ ସୁରକ୍ଷା ଦେବା ପାଇଁ ହେଲ୍‌ମେଟ୍‌ର ଥିମ୍‌କୁ ନେଇ ହେଲ୍‌ମେଟ୍ ଡିଜାଇନ୍‌ର ଊ୍ଵିଣ୍ଟର କ୍ୟାପ୍ ଏବେ ମାର୍କେଟ୍‌କୁ ଆସିଗଲାଣି। ତେବେ ଏହାର ଡିଜାଇନ୍ ଏମିତି ହୋଇଛି ଯେ, ଏହା କେବଳ ମୁଣ୍ଡକୁ ନୁହେଁ, ଗାଲ, ଓଠ ତଥା ନାକକୁ ମଧ୍ୟ ଥଣ୍ଡା ପବନରୁ ସୁରକ୍ଷା ଦେଇପାରିବ।

**ବ୍ରେନ୍ କ୍ୟାପ୍:** ବ୍ରେନ୍ ବା ମସ୍ତିଷ୍କ ଡିଜାଇନ୍‌ର କ୍ୟାପ୍ ଦେଖିବାକୁ ବେଶ୍ ଅଜବ ଲାଗିଲେ ବି ଶୀତଦିନେ ଏହା ଶୀତଦାଉରୁ ମୁଣ୍ଡକୁ ସୁରକ୍ଷା ଦେବାରେ ବିଶେଷ ଭୂମିକା ଗ୍ରହଣ କରିଥାଏ। ଉଭୟ ମହିଳା, ପୁରୁଷ ତଥା କୁନି କୁନି ପିଲାମାନଙ୍କ ପାଇଁ ବି ଏହି ଡିଜାଇନ୍‌ର କ୍ୟାପ୍ ଏବେ ମାର୍କେଟ୍‌ରେ ଉପଲବ୍ଧ ହେଲାଣି।

**ଆନିମଲ କ୍ୟାପ୍:** ହରିଣ, ବାଘ, କୋକିଶିଆଳି ପରି ପଶୁ ତଥା ପେଚା, ମୟୂର, ଶୁଆ ଇତ୍ୟାଦି ଡିଜାଇନ୍‌ର ଊ୍ଵିଣ୍ଟର କ୍ୟାପ୍ ବି ଏବେ ମାର୍କେଟ୍‌ରେ ମିଳିଲାଣି। ଏସବୁ ଦେଖିବାକୁ ଫନି ଲାଗୁଥିଲେ ବି ଶୀତଦିନେ ସୁରକ୍ଷା ଦେବା ସହ ଆପଣଙ୍କୁ ଏକ ଡିଫରେଣ୍ଟ ଲୁକ୍ ଦେବ।

କେବଳ ଏତିକି ନୁହେଁ, ନିଶ ତଥା ଲମ୍ବା ଲମ୍ବା ଦାଢ଼ି ଥିବା ଡିଜାଇନ୍‌ର କ୍ୟାପ୍, ଲମ୍ବା ବେଣି ଡିଜାଇନ୍‌ର କ୍ୟାପ, ଶିଙ୍ଗ ଡିଜାଇନ୍‌ର ଊ୍ଵିଣ୍ଟର କ୍ୟାପ୍ ଇତ୍ୟାଦିର ବି ଏବେ ବେଶ୍ ଚାହିଦା ରହୁଥିବା ଦେଖିବାକୁ ମିଳୁଛି।









ସୌମ୍ୟ

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

# ହାଃ ହାଃ

## ଅଣ୍ଡା

ମୁନା- ଆଜି ମୋ କୁଓା ଅଣ୍ଡା ଦେଇଛି।
କୁନା- କ'ଣ କୁଓା ! ମାନେ କୁକୁର ଅଣ୍ଡା ଦେଇଛି ? କୁକୁର କେବେଠୁ ଅଣ୍ଡା ଦେଲେଣି ?
ମୁନା- ଇଏ ହେଉଛି ମୋ ଷ୍ଟାଇଲ୍। ମୁଁ ମୋ କୁକୁଡ଼ା ନାଁ କୁଓା ରଖିଛି।

## ଭଲ ପାଉଛ

ପ୍ରେମିକା-ଆଇ ଲଭ୍ ୟୁ।
ପ୍ରେମିକ-ଆଇ ଲଭ୍ ୟୁ ଠୁ।
ପ୍ରେମିକା- ତମେ କେତେ ଭଲ ପାଅ ?
ପ୍ରେମିକ-ଯେତିକି ତମେ ମତେ କର।
ପ୍ରେମିକା- ବଦ୍‌ମାସ୍। ତା'ମାନେ ତୁ ବି ମୋ ସହ ଟାଇମ୍‌ପାସ୍ କରୁଛୁ ?

## ବଞ୍ଚେଇବୁ

ମଣ୍ଟୁ ପିଣ୍ଟୁକୁ-ଯଦି ତୋ'ର ବେଷ୍ଟ ଫ୍ରେଣ୍ଡ ଓ ଗର୍ଲଫ୍ରେଣ୍ଡ ବୁଡ଼ିଯାଉଥିବେ, ତା'ହେଲେ ତୁ କାହାକୁ ବଞ୍ଚେଇବୁ ?
ପିଣ୍ଟୁ-କାହାକୁ ବି ନୁହେଁ। ବୁଡ଼ିଯାଆନ୍ତୁ ଦୁଇଜଣଯାକ। ଏକାଠି ସେମାନେ କ'ଣ କରୁଥିଲେ କି ?



# ମୟୂରେଶ୍ୱର ବନ୍ୟପ୍ରାଣୀ ଅଭୟାରଣ୍ୟ

**ମହାରାଷ୍ଟ୍ରର ପୁଣେ ଜିଲାସ୍ଥିତ ମୟୂରେଶ୍ୱର ବନ୍ୟପ୍ରାଣୀ ଅଭୟାରଣ୍ୟ ଏକ ଆକର୍ଷଣୀୟ ବନ୍ୟଜୀବ ସଂରକ୍ଷଣ କେନ୍ଦ୍ର ଭାବେ ଜଣାଶୁଣା। ଏଠାରେ ବିଭିନ୍ନ କିସମର ବନସ୍ପତି ବୃକ୍ଷକୁ ସଂରକ୍ଷିତ କରାଯିବା ସହିତ ବହୁ ବିରଳ ପଶୁପକ୍ଷୀଙ୍କୁ ସୁରକ୍ଷା ପ୍ରଦାନ କରାଯାଇଥିବାର ଦେଖିବାକୁ ମିଳିଥାଏ।**



ମହାରାଷ୍ଟ୍ରର ପୁଣେ ଜିଲା ଅନ୍ତର୍ଗତ ଏକ ଅଞ୍ଚଳ ହେଉଛି ବାରମତି। ଏଠାରେ ରହିଛି ମୟୂରେଶ୍ୱର ବନ୍ୟପ୍ରାଣୀ ଅଭୟାରଣ୍ୟ, ଯାହା ପୁଣେଠାରୁ ପ୍ରାୟ ୭୨ କି.ମି. ଏବଂ ଦୌଣ୍ଡ ନାମକ ଅନ୍ୟ ଏକ ସହରଠାରୁ ପ୍ରାୟ ୩୫ କି.ମି. ଦୂରରେ ଅବସ୍ଥିତ। ସୂଚନାନୁଯାୟୀ, ୧୯୯୭ ମସିହାରେ ଏହାକୁ ଅଭୟାରଣ୍ୟର ମାନ୍ୟତା ମିଳିଥିଲା।

## କ'ଣ ଦେଖିବେ

ପ୍ରାୟ ୫.୧୪ ବର୍ଗ କି.ମି. ପର୍ଯ୍ୟନ୍ତ ପରିବ୍ୟାପ୍ତ ଏହି ଅଭୟାରଣ୍ୟରେ ମୁଖ୍ୟତଃ ପକ୍ଷୀମାନଙ୍କର ଅନେକ ପ୍ରଜାତି ଦେଖିବାକୁ ମିଳିଥାଏ। ଖାସ୍‌କରି ଇଣ୍ଡିଆନ୍ ରୋଲର୍, କଳା ରଙ୍ଗର ଡେଣା ଥିବା ଏକ ଜାତୀୟ ଚିଲ, ଧୂସର ରଙ୍ଗର ଗେଣ୍ଡାଳିଆ ଜାତୀୟ ପକ୍ଷୀ, ଧୂସର ରଙ୍ଗର ଏକ ଜାତୀୟ ଶିକାରୀ ପକ୍ଷୀ, ୟୁରୋପୀୟ ଓ ଏସୀୟ ଅଞ୍ଚଳରେ ଦେଖିବାକୁ ମିଳୁଥିବା ଏକ ଜାତୀୟ କପୋତ, ଯାହାର ବେକରେ ସରୁ କଳାରଙ୍ଗର ପଟି ରହିଛି, ବେକରେ ଧଳାରଙ୍ଗର ଚିହ୍ନ ଥିବା ଏକ ଜାତୀୟ ମାଛରଙ୍କା ଚଢ଼େଇ, ଘରଚଟିଆ, ତୀକ୍ଷ୍ଣ ଦନ୍ତ ବିଶିଷ୍ଟ ବଙ୍କା ଥଣ୍ଟ ଥିବା ଏକ ପ୍ରକାର ପକ୍ଷୀ, ଲାଫିଂ ଡୋଭ୍, ବ୍ଲୁ-ଚେକ୍ଡ ବି ଇଟର୍, ଇଣ୍ଡିଆନ୍ ସିଲଭର୍‌ବିଲ୍, ଗ୍ରେ ଫ୍ରାଙ୍କୋଲିନ୍, ରେଡ୍-ୱାଟଲ୍ଡ ଲାପ୍‌ୱିଂ, ୟେଲୋ-ୱାଟଲ୍ଡ ଲାପ୍‌ୱିଂ, କମନ୍ ହକ୍-କୁକୋ, ସର୍ଟ-ଟୋଡ୍ ସ୍ନେକ୍ ଇଗଲ୍, ଇଣ୍ଡିଆନ୍ ବୁସ୍-ଲାର୍କ, ବେ-ବ୍ୟାକ୍‌ଡ୍ ସ୍ରାଇକ୍, ରୁଫୋସ୍-ଫ୍ରଣ୍ଟେଡ୍ ପ୍ରିନିୟା ଇତ୍ୟାଦି ପକ୍ଷୀ ପ୍ରାୟତଃ ଏଠାରେ ଦେଖିବାକୁ ମିଳିଥାନ୍ତି। ତା'ଛଡ଼ା ଶୀତଦିନେ ଏଠାକୁ ବହୁ ସଂଖ୍ୟାରେ ଭ୍ରମଣକାରୀ ପକ୍ଷୀ ବି ଉଡି ଆସିଥାନ୍ତି। ଭ୍ରମଣକାରୀ ପକ୍ଷୀ ଭିତରେ ୟୁରୋପିଆନ୍ ରୋଲର୍ ତଥା ମୋଣ୍ଟାଗୁସ୍ ହାରିୟର୍ ଇତ୍ୟାଦି ଅନ୍ୟତମ। ତେବେ କେବଳ ପକ୍ଷୀ ନୁହନ୍ତି, ଅନେକ ପଶୁ ବି ଏଠାରେ ଦେଖିବାକୁ ମିଳିଥାନ୍ତି। ଯେମିତିକି କ୍ଷୁଦ୍ର କମନୀୟ କୃଷ୍ଣସାର ମୃଗ, ଦେହରେ ପଟା ପଟା ଗାର ଚିହ୍ନ ଥିବା ଏକ ଜାତୀୟ ହେଟାବାଘ, ଗଧିଆ, ବିଲୁଆ, କୋକିଶିଆଳି, ଠେକୁଆ ଇତ୍ୟାଦି ଅନ୍ୟତମ। ଏସବୁ ବ୍ୟତୀତ ରେକର୍ଡ ଅନୁଯାୟୀ, ଏହି ଅଭୟାରଣ୍ୟ ଭିତରେ ସ୍ୱତନ୍ତ୍ର ଭାବେ ଏକ ବୃକ୍ଷ ଉଦ୍ୟାନ କରାଯାଇଛି, ଯେଉଁଠାରେ ପର୍ଯ୍ୟଟକ ପ୍ରାୟ ୯୦୦ରୁ ଊର୍ଦ୍ଧ୍ୱ କିସମର ବହୁ ଔଷଧୀୟ ତଥା ବନସ୍ପତି ବୃକ୍ଷ ଦେଖିବାକୁ ପାଇପାରିବେ। ଅନେକ ସମୟରେ ଉଦ୍ଭିଦ ବିଜ୍ଞାନୀମାନେ ଏଠାକୁ ରିସର୍ଚ୍ଚ କାମରେ ମଧ୍ୟ ଆସୁଥିବାର ନଜିର ରହିଛି।





## କେବେ ଯିବେ

ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ର ଅନୁଯାୟୀ, ଖରାଦିନେ ଏଠାରେ ବହୁତ ଗରମ ହୁଏ ଆଉ ବର୍ଷାଦିନେ ପ୍ରବଳ ବର୍ଷା ହୋଇଥାଏ। ତେଣୁ ଏହି ସମୟ ଭିତରେ ଏଠାରେ ବୁଲିବା ସମ୍ଭବପର ହୋଇ ନ ଥାଏ। ଏହି ଦୃଷ୍ଟିରୁ ଚିନ୍ତା କଲେ, ସେପ୍ଟେମ୍ବରରୁ ଫେବୃୟାରୀ ହେଉଛି ଏଠାକୁ ବୁଲିଯିବା ପାଇଁ ସବୁଠାରୁ ଉପଯୁକ୍ତ ସମୟ।

## କେମିତି ଯିବେ

ଏଠାକୁ ଯିବା ପାଇଁ ଗମନାଗମନର ମଧ୍ୟ ଭଲ ବ୍ୟବସ୍ଥା ରହିଛି। ଦୌଣ୍ଡ ଏହାର ନିକଟତମ ରେଳଷ୍ଟେଶନ ହୋଇଥିବାବେଳେ ପୁଣେ ହେଉଛି ନିକଟବର୍ତ୍ତୀ ଏୟାରପୋର୍ଟ। ଉଭୟ ରେଳଷ୍ଟେଶନ ଓ ଏୟାରପୋର୍ଟରୁ ମୟୂରେଶ୍ୱର ବନ୍ୟପ୍ରାଣୀ ଅଭୟାରଣ୍ୟକୁ ଯିବା ପାଇଁ ଟ୍ୟାକ୍ସି ତଥା ଟୁରିଷ୍ଟ ବସ୍‌ର ଭଲ ବନ୍ଦୋବସ୍ତ ରହିଛି। ତା'ଛଡ଼ା ଦେଶର ବିଭିନ୍ନ ସ୍ଥାନରୁ ମଧ୍ୟ ଏଠାକୁ ଉଭୟ ସରକାରୀ ଓ ବେସରକାରୀ ବସ୍ ବି ଯା'ଆସ କରିଥାଏ। ପର୍ଯ୍ୟଟକ ଚାହିଁଲେ ସେଥିରେ ମଧ୍ୟ ଯା'ଆସ କରିପାରିବେ।

## ଅନ୍ୟାନ୍ୟ ସୁବିଧା

ତେବେ ଏହି ଅଭୟାରଣ୍ୟଟି କେବଳ ଯେ ପଶୁପକ୍ଷୀଙ୍କୁ ବୁଲି ଦେଖିବା ପାଇଁ ଏକ ପର୍ଯ୍ୟଟନସ୍ଥଳୀ ତାହା ନୁହେଁ, ଅଧିକନ୍ତୁ ଏହା ଏକ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଶାନ୍ତିପ୍ରିୟ ସ୍ଥାନ। ଖାସ୍ ସେଥିପାଇଁ ତ ବ୍ୟସ୍ତମୟ ଜୀବନରୁ ବାହାରି ଟିକେ ଫୁରସତ୍‌ରେ ସମୟ ବିତାଇବା ପାଇଁ ଅନେକ ସମୟରେ ପର୍ଯ୍ୟଟକ ଏଠାକୁ ଧାଇଁ ଆସିଥାନ୍ତି। ତା'ଛଡ଼ା ପର୍ଯ୍ୟଟକ ଏଠାରେ ପାଦରେ ଚାଲି ଚାଲି ହେଉ କିମ୍ବା ଗାଡ଼ି ଭିତରେ ବସି ଅଭୟାରଣ୍ୟ ଭିତରେ ବୁଲିପାରିବାର ଅନୁମତି ମଧ୍ୟ ଅଛି। ସେହିପରି ଅଭୟାରଣ୍ୟ ମଧ୍ୟରେ ଅସ୍ଥାୟୀ ଭାବେ କେତୋଟି ଟେଣ୍ଟ ମଧ୍ୟ କରାଯାଇଛି, ଯେଉଁଠାରେ ପର୍ଯ୍ୟଟକ ବସି କିଛି ସମୟ ବିଶ୍ରାମ ନେଇପାରିବେ। କିନ୍ତୁ ରାତିରେ ରହିବାର ଏଠାରେ କୌଣସି ବ୍ୟବସ୍ଥା ନାହିଁ। ଏଥିପାଇଁ ପର୍ଯ୍ୟଟକଙ୍କୁ ଅଭୟାରଣ୍ୟ ବାହାରେ ଥିବା ହୋଟେଲ୍ କିମ୍ବା ଲଜ୍‌ରେ ରହିବାକୁ ହୋଇଥାଏ।

















# କର୍କରେ ମୋଜାଇକ୍

ଆଲବେନୀୟ କଳାକାର ସାଇମିର୍ ସ୍ତ୍ରାତି କର୍କରେ ପୃଥିବୀର ସବୁଠାରୁ ବଡ଼ ମୋଜାଇକ୍(ଛୋଟ ଛୋଟ ଖଣ୍ଡ ଗ୍ଲାସ୍, ପଥର କିମ୍ବା ଅନ୍ୟ କୌଣସି ମ୍ୟାଟେରିଆଲ୍‌କୁ ସଜାଡି ରଖି ପ୍ରସ୍ତୁତ ହେଉଥିବା ଆର୍ଟ) ତିଆରି କରି ରେକର୍ଡ କରିଛନ୍ତି। ଏହି ମୋଜାଇକ୍ ପ୍ରସ୍ତୁତି ପାଇଁ ବିଭିନ୍ନ ଆକାର ଓ ଡିଜାଇନ୍‌ର ୨,୨୯,୭୬୪ଟି କର୍କ ବ୍ୟବହାର ହୋଇଛି। ୧୨.୯୪ ମିଟର ଲମ୍ବ ଓ ୭.୧ ମିଟର ପ୍ରସ୍ଥର ଏକ ପ୍ଲାଷ୍ଟିକ୍ ବ୍ୟାନର୍ ଉପରେ ଏହାକୁ ତିଆରି କରାଯାଇଛି, ଯେଉଁଥିରେ ରୋମିଓଙ୍କୁ ଅଙ୍ଗୁରର ମୁକୁଟ ଲଗାଇ ସମୁଦ୍ରରେ ଗିଟାର ବଜାଇ ନୃତ୍ୟ କରୁଥିବା ଦୃଶ୍ୟ ଦେଖିବାକୁ ମିଳେ। ୨୮ ଦିନ ପର୍ଯ୍ୟନ୍ତ ଦିନକୁ ୧୪ ଘଣ୍ଟାର ପରିଶ୍ରମ କରି ସେ ଏହି ମୋଜାଇକ୍ ପ୍ରସ୍ତୁତ କରିଥିଲେ।

## କାର୍ଟୁନ କର୍ନର



ମଞ୍ଚମାୟା

# ଯାତ୍ରା ଗାଁର 'ରୁପା'

ପ୍ରଥମେ ଅଭିନୟ ଥିଲା ନିଶା। ମାତ୍ର ଏବେ ପାଲଟିଛି ପେସା। ନିଶା ଆଉ ପେସା ମଧ୍ୟରେ ରହି ନିଜକୁ ପୋଖତ ଅଭିନେତ୍ରୀ କରିବାର ଚେଷ୍ଟା ଚଳେଇଛନ୍ତି ନାୟିକା ରୁପା। ଦର୍ଶକମାନେ ତାଙ୍କର ସବୁଠୁ ବଡ଼ ପ୍ରେରଣା। ସେଥିଲାଗି ରଙ୍ଗମାଖି ମଞ୍ଚକୁ ଆସିଗଲା ପରେ ସେ ଭୁଲିଯାଆନ୍ତି ମଞ୍ଚତଳର ସବୁକଥା। ସେ ରୁପା ବୋଲି ପାସୋରି ଦିଅନ୍ତି ନିଜକୁ। ବରଂ ଏକାକାର ହୋଇଯାଆନ୍ତି ଚରିତ୍ର ସହିତ। ସମ୍ଭବତଃ ସେଇଥିପାଇଁ ରୁପାଙ୍କ ଅଭିନୟକୁ ଭଲପାଇ ବସନ୍ତି ଦର୍ଶକମାନେ। ଜଗତ୍‌ସିଂହପୁରର ବୋରିକିନା ଗ୍ରାମରେ ଜନ୍ମିତା ରୁପା ଅପେରା ମା' ତାରିଣୀରେ ଯୋଗଦେଇ ନିଜ ଅଭିନୟ ଜୀବନ ଆରମ୍ଭ କରନ୍ତି। ପିଲାବେଳୁ ନାଚୁଥିଲେ। ଅଭିନୟ ବି କରୁଥିଲେ। ସେଥିଲାଗି ଟାଣି ହୋଇଆସିଲେ ଅଭିନୟର ମଞ୍ଚକୁ। ପ୍ରଥମେ କମେଡି ଭୂମିକା ମିଳିଲା। ପରେ ପରେ ପ୍ରଯୋଜକ ଓ ନିର୍ଦ୍ଦେଶକ ତାଙ୍କୁ ଲିଡ୍ ଭୂମିକା ଦେଲେ। ଏବେ ଯାତ୍ରାଜଗତରେ ଜଣେ ପରିପକ୍ୱ ନାୟିକା ଭାବରେ ସେ ବେଶ୍ ପରିଚିତ। ଅପେରା ମା' ତାରିଣୀରୁ ଅଭିନୟ ଆରମ୍ଭ କରିଥିବା ରୁପା ଇତିମଧ୍ୟରେ 'ଟାଇଗର ତାରିଣୀ', 'ସଚ୍ଚିଦାନନ୍ଦମ୍', 'ନ୍ୟୁ ବାଣେଶ୍ୱରୀ' ଭଳି ଯାତ୍ରା ଅନୁଷ୍ଠାନରେ ସଫଳତାର ସହ ଅଭିନୟକରି ଚଳିତବର୍ଷ 'ଯାତ୍ରା ଗାଁ'ରେ ନିଜର ଅଭିନୟ ଜାରି ରଖିଛନ୍ତି। ସେ ଅଭିନୟ କରିଥିବା ସଫଳ ନାଟକଗୁଡ଼ିକ ମଧ୍ୟରେ ରହିଛି 'ଶାଗୁଣା କରିବ ବାସର ରାତି', 'ସ୍ୱାମୀ ପରି ଆଉ ଜଣେ', 'ଉଧାର ଦେଇଛି ସିନ୍ଦୂର', 'ମଝି ରାତିର ସ୍ୱାମୀ', 'କାନ୍ଦିବାକୁ କିଏ ମନା କରୁଛି', 'କଳାପାଣିର କଳାବତୀ', 'ଚଣ୍ଡାଳ ହାତରେ ଗଙ୍ଗା ତୁଳସୀ' ଏବଂ ଆହୁରି ଅନେକ। 'ଯାତ୍ରା ଗାଁ'ରେ ସେ ଅଭିନୟ କରିଥିବା ନାଟକଗୁଡ଼ିକ ମଧ୍ୟରେ ରହିଛି 'ନାଁ ନେଇଗଲା ଗାଁ ଟୋକାଟା', 'ଚାଲୁଛି ଅଳପ ଝୁଣ୍ଟୁଛି ବେଶି' ଏବଂ 'ଲୁହର ଓଜନ ଲୁହାଠୁ ବେଶି'। ପ୍ରଥମ ଦୁଇଟି ନାଟକରେ ସେ ମୁଖ୍ୟ ନାୟିକା ଭାବରେ ଅଭିନୟ କରୁଥିବା ବେଳେ ତୃତୀୟ ନାଟକରେ ରହିଛି ତାଙ୍କର ସେକେଣ୍ଡ ଲିଡ୍ ରୋଲ୍। ସ୍ୱାମୀ ପ୍ରଶାନ୍ତ କୁମାର ଖୁଣ୍ଟିଆଙ୍କ ସହଯୋଗ ଏବଂ ଭଲପାଇବାକୁ ସାଥିରେ ଧରି ଚାଲୁଥିବା ରୁପାଙ୍କ ପସନ୍ଦ ପଜିଟିଭ ଭୂମିକା। ସେ ଏଭଳି ଭୂମିକାରେ ନିଜକୁ ବେଶ୍ କମ୍‌ଫର୍ଟ ଫିଲ୍ କରନ୍ତି ଓ ଚରିତ୍ର ଭିତରୁ ନିଜକୁ ଖୋଜି ପାଆନ୍ତି। ଯେଉଁଥିପାଇଁ ସେ ଚରିତ୍ରଟିକୁ ଆବଶ୍ୟକତାଠୁ ଅଧିକ ଜୀବନ୍ତ କରିବାରେ ସଫଳ ହୋଇପାରନ୍ତି।


ରୁପା

# ଶିବାନୀର 'ବାପା'


ଗୌରାଙ୍ଗ

ଶିବାନୀର 'ବାପା' ବୋଲି ଲେଖିବା ପରେ ଆଉ ଯାତ୍ରାପ୍ରେମୀଙ୍କୁ ବୁଝେଇ କହିବାକୁ ପଡ଼ିବ ନାହିଁ ଯେ, ଏଠାରେ କେଉଁ ବ୍ୟକ୍ତିଙ୍କ କଥା କୁହାଯାଉଛି। ସେ ହେଉଛନ୍ତି ଯାତ୍ରା ଅନୁଷ୍ଠାନ ଶିବାନୀ ଗଣନାଟ୍ୟର ବର୍ଷୀୟାନ କଳାକାର ଗୌରାଙ୍ଗ ସେନାପତି। ମନେ ପଡ଼େ ଦିବଂଗତ ନାଟ୍ୟକାର ଅନନ୍ତ ଓଝାଙ୍କ ଅନ୍ୟତମ ଶ୍ରେଷ୍ଠ ସୃଷ୍ଟି 'ଜିଅନ୍ତା ଶବ', ଯେଉଁଠି ସାନଭାଇ ଚିତ୍ରଶିଳ୍ପୀ ପ୍ରଭାତ ଭଞ୍ଜ ଭୂମିକାରେ ଅଭିନୟ କରିଥିବା ଜଣେ ଯୁବକ ରାତିସାରା ଦର୍ଶକମାନଙ୍କୁ ତାଳି ମାରିବାକୁ ବାଧ୍ୟ କରିଥିଲା। ସେହି ପ୍ରଭାତ ଭଞ୍ଜ ଭୂମିକାରେ ଅଭିନୟ କରିଥିଲେ ଆଜିର ଯାତ୍ରାନୁଷ୍ଠାନ 'ଶିବାନୀ'ର ବାପା ଗୌରାଙ୍ଗ ସେନାପତି। ଗୋଟିଏ ଡାଏଲଗ୍‌କୁ ନିଆଯାଉ ଉଦାହରଣ ଭାବରେ। ଦେଢ଼ଶୁର ସାମ୍ନାରେ ଶାଶୁ ବୋହୂକୁ ନିର୍ଯାତନା ଦେଉଛି। ସେତିକିବେଳେ ପହଞ୍ଚୁଯାଉଛି ଚିତ୍ରଶିଳ୍ପୀ ପ୍ରଭାତ। ଆଉ ବୋଉକୁ ସାତାୟର କରି କହୁଛି : ''ମାଡ଼ ବନ୍ଦ କରିଦେଲୁ କି ବୋଉ। ଜମାରୁ ବନ୍ଦ କରନା। ଦିଲ୍ଲୀରେ ଆୟୋଜିତ ଅନ୍ତର୍ଜାତୀୟ ଚିତ୍ର ପ୍ରତିଯୋଗିତା ପାଇଁ ଆଙ୍କୁଥିବା ଚିତ୍ରଟା ମୋର ଅଧା ହୋଇ ରହିଯିବ ଯେ। ବାସ୍ତବ ଦୃଶ୍ୟ ଦେଖିଲେ ସିନା ଚିତ୍ରଟା ମୋର ଆହୁରି ଜୀବନ୍ତ ହେବ। ବୁଝିଲୁ ବୋଉ ଚିତ୍ରର ଶୀର୍ଷକ ମୁଁ ରଖିଛି 'ନିର୍ଯାତିତା ବଧୂ'!'' ସେହିଭଳି ଦେଢ଼ଶୁରକୁ ପରିହାସ କରି କହୁଛି : ''ଦେଢ଼ଶୁର ଉପସ୍ଥିତିରେ ବୋହୂ ପ୍ରତି ଶାଶୁର ନିର୍ଯାତନା ଅଧୁନାତନ ଓଡ଼ିଆ ସଂସ୍କୃତିର ଏକ ଜ୍ୱଳନ୍ତ ଆଲେଖ୍ୟ। ଯୌତୁକ ଜର୍ଜରିତ ପୃଥିବୀର ଆଉ ଏକ ନିଚ୍ଛକ ପ୍ରତିଛବି।''

କଟକ ଜିଲା ନିଆଳି ଅନ୍ତର୍ଗତ ଶିଖାକୋରେ ଜନ୍ମ ଗ୍ରହଣ କରିଥିବା ଗୌରାଙ୍ଗ ତାରିଣୀ ଗଣନାଟ୍ୟରେ ଯୋଗଦେଇ ନିଜ ଅଭିନୟ ଜୀବନ ଆରମ୍ଭ କରିଥିଲେ। ପ୍ରଥମ ନାଟକ ଥିଲା 'ଅକୁହା କଥା' ଯେଉଁଥିରେ ତାଙ୍କୁ ମିଳିଥିଲା ଜଣେ ପୋଲିସ ସବ୍ ଇନ୍‌ସପେକ୍ଟରର ଭୂମିକା। ଏହାପରେ ସେ ଓଡ଼ିଶା ଅପେରା, ପାର୍ବତୀ ଗଣନାଟ୍ୟ, ଧଉଳି ଗଣନାଟ୍ୟ ଆଦି ଯାତ୍ରାନୁଷ୍ଠାନରେ ସଫଳତାର ସହିତ ଅଭିନୟକରି ଏବେ କିଛିବର୍ଷ ଧରି ଶିବାନୀ ଗଣନାଟ୍ୟରେ ତାଙ୍କର ଅଭିନୟ ଜାରି ରଖିଛନ୍ତି। ଦୀର୍ଘବର୍ଷର କ୍ୟାରିୟର ମଧ୍ୟରେ ସେ ବହୁ ସଫଳ ନାଟକରେ ଅଭିନୟ କରିଛନ୍ତି। 'ଈଶ୍ୱରଙ୍କ ଶବ ମୁଁ ଦେଖିଛି', 'ଭଙ୍ଗା ଆଇନା', 'ବାଇଶି ପାହାଚେ ଖେଳିବ ମୀନ', 'କୁନି ମିଶ୍ର କଟକ ଯାଇଛି', 'ବଇନା ଦେଇଛି ବାହା ହବାକୁ', 'ବନ୍ଦେ ମାତରମ୍', 'ପରଦେଶୀ ମେଘ', 'ରଙ୍ଗବତୀ ରୁଷିଛି', 'ସୁନାଝିଅ ଶିବାନୀ', 'ଏଇ ତ କଳିଯୁଗ', 'ରାଜଧାନୀ ଝିଅ ରାଜନନ୍ଦିନୀ', 'ରଙ୍ଗିଲା ରାଧିକା ରଜନୀଗନ୍ଧା' ଆଦି ଅନ୍ୟତମ। ଚଳିତବର୍ଷ ସେ ଶିବାନୀର ପାଞ୍ଚଗୋଟି ନାଟକରେ ଅଭିନୟ ଜାରି ରଖିଛନ୍ତି; ଯଥା: 'ରଜନୀ ସଜନୀ ରାତି ପାହିଲା', 'ବରଣୀ କନିଆଁ ବରଷାରାଣୀ', 'ରୁପ ରାଇଜର ରାଜକୁମାରୀ', 'ରାମ ବନବାସ କାହାଣୀ ଶେଷ' ଏବଂ 'ତାଳ କରିବା ଠିଆପାଲା'। 'ଯାତ୍ରାଜଗତ'ର ସାମ୍ପ୍ରତିକ ଗତିନୀତିକୁ ନେଇ ଗଭୀର ଦୁଃଖ ପ୍ରକାଶ କରନ୍ତି ଏହି ଅଭିନେତା। ତାଙ୍କ ମତରେ ସମ୍ପ୍ରତି ଯାତ୍ରାରେ ପିଢ଼ି ତିଆରି ହେଉନାହିଁ। ମାଲିକମାନେ ନୂଆ କଳାକାରଙ୍କ ନିଯୁକ୍ତି ଦେଉନାହାନ୍ତି; ଯଦ୍ୱାରା ୫୦/୫୫ବର୍ଷ ବୟସର ଅଭିନେତାମାନେ ବି ହିରୋ ସାଜୁଛନ୍ତି। ସେହି ସମାନ ମୁହଁକୁ ଦେଖି ଦର୍ଶକମାନେ ବି ବିରକ୍ତ ହେଲେଣି। ତେଣୁ ମାଲିକମାନେ ପ୍ରତିବର୍ଷ ନୂଆ ଅଭିନେତାମାନଙ୍କୁ ସୁଯୋଗ ଦେବା ଏକାନ୍ତ ବାଞ୍ଛନୀୟ। ସେହିଭଳି ଯାତ୍ରାର ଦର୍ଶକମାନଙ୍କୁ ସମ୍ବୋଧନକରି ଗୌରାଙ୍ଗବାବୁ କହନ୍ତି : କେବଳ ଯାତ୍ରାରେ ନଗ୍ନତା ନାହିଁ। ନଗ୍ନତା ସବୁଠି ରହିଛି। ସୂର୍ଯ୍ୟରଶ୍ମି ଯେପରି ସକଳ ସ୍ଥାନରେ ପଡ଼େ। ମାତ୍ର କେବଳ ସ୍ୱଚ୍ଛ ଜଳ ବ୍ୟତୀତ ଅନ୍ୟ କିଛି ଗ୍ରହଣ କରେନାହିଁ। ଠିକ୍ ସେହିପରି ଆମର ଦର୍ଶକ ଈଶ୍ୱରମାନେ ଯାତ୍ରାର ସମସ୍ତ ମନୋରଞ୍ଜନକୁ ଉପଭୋଗ କରି କେବଳ ଭଲ ଜିନିଷକୁ ଗ୍ରହଣ କରି ଘରକୁ ଫେରନ୍ତୁ।

# ୱାଲ୍ ଅଫ୍ କନ୍‌ଷ୍ଟାଣ୍ଟିନୋପଲ

ଏହା ବିଶ୍ୱ ସ୍ଥାପତ୍ୟର ଏକ ଅନନ୍ୟ ନିଦର୍ଶନ। କଳା କାରିଗରିରେ ଅନନ୍ୟ। ଏହାକୁ ୱାଲ୍ ଅଫ୍ କନ୍‌ଷ୍ଟାଣ୍ଟିନୋପଲ ବା କନ୍‌ଷ୍ଟାଣ୍ଟିନୋପଲ୍ ପ୍ରାଚୀର ବୋଲି କୁହାଯାଇଥାଏ। ଦିନେ କନ୍‌ଷ୍ଟାଣ୍ଟିନୋପଲ ଥିଲା ଏକ ବିଶାଳ ସହର ଯାହାକୁ ଆଜି ଇସ୍ତାନବୁଲ୍ ବୋଲି କୁହାଯାଉଛି। ଇସ୍ତାନବୁଲ୍ ହେଉଛି ଆଧୁନିକ ତୁର୍କୀର ରାଜଧାନୀ ସହର। ଏକଦା କନ୍‌ଷ୍ଟାଣ୍ଟିନୋପଲ ଥିଲା ସମ୍ରାଟ୍ କନ୍‌ଷ୍ଟାଣ୍ଟାଇନ୍ ଦି ଗ୍ରେଟ୍‌ଙ୍କ ସାମ୍ରାଜ୍ୟ ରାଜଧାନୀ। ସମ୍ରାଟ କନ୍‌ଷ୍ଟାଣ୍ଟାଇନ୍ ଦି ଗ୍ରେଟ୍‌ଙ୍କ ନିଜର ରାଜଧାନୀକୁ ସୁରକ୍ଷିତ କରିବା ପାଇଁ ଏକ ପ୍ରାଚୀର ନିର୍ମାଣ କରିଥିଲେ। ସେଥିଲାଗି ସେ ଶତାଧିକ ଦକ୍ଷ ସ୍ଥପତିଙ୍କୁ ନିୟୋଜିତ କରିଥିଲେ ଓ ଶକ୍ତ ପଥରରେ ପ୍ରାଚୀର ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏବେସୁଦ୍ଧା ୱାଲ୍ ଅଫ୍ କନ୍‌ଷ୍ଟାଣ୍ଟିନୋପଲ୍‌କୁ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ କଳାକୃତି ଭାବରେ ବିବେଚନା କରାଯାଉଛି। ଏହି ପ୍ରାଚୀର ନିର୍ମାଣର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସମୁଦ୍ର ଏବଂ ସ୍ଥଳଭାଗରୁ ହେବାକୁ ଥିବା ସମ୍ଭାବ୍ୟ ଆକ୍ରମଣ କବଳରୁ ରାଜଧାନୀ ସହରକୁ ସୁରକ୍ଷିତ ରଖିବା। ଆଉ ସମ୍ରାଟ୍ କନ୍‌ଷ୍ଟାଣ୍ଟାଇନ୍ ଦି ଗ୍ରେଟ୍‌ଙ୍କ ଉଦ୍ଦେଶ୍ୟ ମଧ୍ୟ ସଫଳ ହୋଇଥିଲା।



## ବ୍ୟାକ୍ ପେଜ୍



# ଥ୍ରୀଡି ଜେଲି କେକ୍

ବିଭିନ୍ନ ଆକୃତିର କେକ୍ ସମ୍ପର୍କରେ ପଢିଥିବେ ଓ ଦେଖିଥିବେ। ତେବେ ଏଠାରେ ଯେଉଁ କେକ୍ କଥା କୁହାଯାଉଛି ତାହା ହେଉଛି ଥ୍ରୀଡି ଜେଲି କେକ୍। ଆଉ ତାହା ଏତେ ବାସ୍ତବ ଲାଗେ ଯେ, ତାକୁ ଖାଇବାକୁ ଇଚ୍ଛା ହେବ ନାହିଁ। ସିଉ ହ୍ୟାଙ୍ଗ ବୁନ୍ ଏହି କେକ୍‌ଗୁଡିକୁ ତିଆରି କରିଛନ୍ତି, ଯାହା ଦେଖିବାକୁ କ୍ରିଷ୍ଟାଲ କ୍ଲିୟର୍ ଓ ସେଥିରେ ହୋଇଥିବା ଫ୍ଲୋରାଲ ଡିଜାଇନ୍ ଲାଗେ ବେଶ୍ ବାସ୍ତବ। ଉକ୍ତ କେକ୍‌ରେ ଗିଲାଟିନ୍, ଜେଲି ପାଉଡର୍ ଓ କିଛି ସ୍ୱତନ୍ତ୍ର ଉପକରଣ ବ୍ୟବହାର କରି ଏହାର କ୍ଲିୟର୍ ବେସ୍‌ରେ କଲର୍ ଇଞ୍ଜେକ୍ଟ କରି ସେ ଏହି ଫ୍ଲୋରାଲ୍ ଡିଜାଇନ୍ କରନ୍ତି। ଏହି କେକ୍‌କୁ ଦେଖିଲେ ପ୍ରଥମ ନଜରରେ କାଚର ପେପର୍ ୱେଟ୍ ପରି ଲାଗେ। ହେଲେ ଜାଣିବା ପରେ ଯେବେ ତାକୁ ଟେଷ୍ଟ କରିବେ ତା'ର ଲିଚି ସ୍ୱାଦ ମନ ଖୁସି କରିଦେବ।







# ବାମନ ପରିବାର

ଘର ସମ୍ପୂର୍ଣ୍ଣ ହୁଏ ପରିବାରର ସଦସ୍ୟଙ୍କୁ ନେଇ। ଆଉ ଯଦି ସଦସ୍ୟ ଅଜବ ହେଲେ ତେବେ ସେହି ପରିବାର ବି ଅଜବ ପରିବାର ଭାବେ ପରିଗଣିତ ହୁଏ। ଠିକ୍ ଯେମିତି ହାଇଦ୍ରାବାଦ, ତେଲେଙ୍ଗାନାର ଚୌହାନ ପରିବାର। ଉକ୍ତ ପରିବାରର ୧୧ଜଣ ସଦସ୍ୟଙ୍କ ମଧ୍ୟରୁ ୯ ଜଣ ହେଉଛନ୍ତି ବାମନ। ସେମାନେ ଏକ ଜିନ୍‌ଗତ ରୋଗ ଆକୋଣ୍ଡ୍ରୋପ୍ଲାସିଆରେ ଆକ୍ରାନ୍ତ। ଯଦ୍ୱାରା ସେମାନଙ୍କ ହାତ, ଗୋଡ଼ ତଥା ଶରୀରର ସବୁ ଅଙ୍ଗପ୍ରତ୍ୟେଙ୍ଗ ଛୋଟ ଛୋଟ। ବର୍ତ୍ତମାନ ଚୌହାନ ପରିବାର ହାଇଦ୍ରାବାଦର ସବୁଠୁ ବଡ଼ ବାମନ ପରିବାର ଭାବେ ପରିଚିତ। ପରିବାରର ୫୨ ବର୍ଷୀୟ ପତ୍ରିଆର୍ଚ ରାମ ରାଜ କହନ୍ତି, 'ବାହାରେ ଲୋକ ଆମମାନଙ୍କୁ ଅଜବ ନଜରରେ ଦେଖିବା ସହ ଅଜବ ଅଜବ ପ୍ରଶ୍ନ ପଚାରନ୍ତି। ଆଉ ଚିଡାନ୍ତି ମଧ୍ୟ। ତେବେ ପରିବାରର ମହିଳାମାନଙ୍କ ଜୀବନ ବେଶି କଷ୍ଟକର। ଛୋଟ ଶରୀର ଲାଗି ଆମ ପରିବାରର ସଦସ୍ୟଙ୍କୁ ଚାକିରିଟିଏ ପାଇବାକୁ ବି ବହୁତ କଷ୍ଟ କରିବାକୁ ପଡ଼େ। ଆମକୁ ଦେଖି ସେମାନେ ଭିନ୍ନ ଏକ ନଜରରେ ଦେଖି ପଚାରନ୍ତି– ତମେ କ'ଣ ପାରିବ ? ବହୁ କଷ୍ଟରେ ଚାକିରିଟିଏ ମିଳେ। ମୁଁ 'ମ୍ୟାରେଜ୍ ୱେଲ କମର୍' ଭାବେ କାମ କରେ। ପୋଷାକ ପିନ୍ଧି ଅତିଥିଙ୍କୁ ସ୍ୱାଗତ କରେ।' ରାମ ରାଜଙ୍କର ୭ ଭଉଣୀ ଓ ୪ ଭାଇ ଅଛନ୍ତି। ସେଥିରୁ ୮ଜଣ ଏହି ରୋଗରେ ଆକ୍ରାନ୍ତ ହୋଇ ବାମନ ହୋଇଯାଇଛନ୍ତି। ଆଉ କେତେଜଣ ମରିଯାଇଛନ୍ତି। ରାମ ରାଜଙ୍କର ଏକ ଗ୍ରୋସେରୀ ଦୋକାନ ବି ଅଛି। କୌଣସି ବିବାହ କାର୍ଯ୍ୟକ୍ରମ ନ ଥିବା ସମୟରେ ସେ ଦୋକାନ କଥା ବୁଝନ୍ତି। ତାଙ୍କର ୨୭ ବର୍ଷୀୟା ଝିଅ ଅମ୍ବିକାଙ୍କର ଇଚ୍ଛା ଆକାଉଣ୍ଟାଣ୍ଟ ହେବା। ହେଲେ ବାମନ ହୋଇଥିବା ଯୋଗୁ ତାଙ୍କୁ ବି ଚାକିରି ମିଳିପାରୁ ନାହିଁ। ରାମରାଜଙ୍କ ସାନ ଭାଇ ଟେଲିଫୋନ୍ ବୁଥ୍ ଓ ବଡ଼ଭାଇଙ୍କ ସ୍ତ୍ରୀ ଟେଲର୍ କାମ କରନ୍ତି। ରାମରାଜ କହନ୍ତି, 'ଲୋକ ଆମକୁ ଦେଖି ହସନ୍ତି, ପରିହାସ କରନ୍ତି।' ହେଲେ ଆମ ପରିବାରର ସମସ୍ତେ ଭାବନ୍ତି ଆମେ ହେଉଛୁ ଭଗବାନଙ୍କର ସ୍ୱତନ୍ତ୍ର ସୃଷ୍ଟି। ଏମିତିକି ଆମକୁ ଆମ ଜେଜେବାପା କହିଥିଲେ, ଆମେ ହେଉଛୁ ଭଗବାନଙ୍କର ବାମନ ଅବତାର। ଏହି ମନୋଭାବ ରଖି ଆମେ କାହାରି କଥାକୁ ଭ୍ରୂକ୍ଷେପ ନ କରି ଆଗେଇ ଚାଲିଛୁ।





